THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ରବିବାର ମ୍ୟାଗାଜିନ୍

ରବିବାର, ୨୮ ସେପ୍ଟେମ୍ବର, ୨୦୨୫

ମନୋରଞ୍ଜନ



ଫେରିବେ କରୀନା



# ଦେବୀ ଉପାସନା ଓ ଦଶହରା

# ଶ୍ରୀ ରାମକୃଷ୍ଣ ଚରିତାମୃତ (୧୩)

ମନୋଜ କୁମାର ମହାପାତ୍ର

## ଈଶ୍ୱରାନନ୍ଦ



ଯିଏ ଚିରାଚରିତ ସଂସାରିକ ମାର୍ଗରେ ପଦଚାରଣ ନ କରି ସଂସାର-ଛଡା ମନୋଭାବ ପୋଷଣ କରେ, ଲୋକେ ନିଶ୍ଚିତ ତାଙ୍କୁ ଏକ ବ୍ୟତିକ୍ରମ-ମନୁଷ୍ୟ କହିବେ ହିଁ କହିବେ। ଲୋକେ ତାଙ୍କୁ ପାଗଳ ବୋଲି ଭାବିନେଲେ। ବିଶେଷକରି ମନ୍ଦିରରେ ରାସମଣିଙ୍କ ପ୍ରତି କରିଥିବା ଶ୍ରୀ ରାମକୃଷ୍ଣଙ୍କର ଅଦ୍ଭୁତ ଆଚରଣ ଏବଂ ଉନ୍ମାଦନା ଲକ୍ଷ୍ୟ କରି ମଥୁରବାବୁଙ୍କର ସନ୍ଦେହ ଜାତ ହେଲା। ସେ ଭାବିଲେ ଯେ ରାମକୃଷ୍ଣ ବୋଧହୁଏ କୌଣସି ମାନସିକ ରୋଗରେ ପୀଡିତ। କଲିକତାର ପ୍ରସିଦ୍ଧ ବୈଦ୍ୟ କବିରାଜ ଗଙ୍ଗାପ୍ରସାଦ ସେନଙ୍କ ପାଖକୁ ଚିକିତ୍ସା ପାଇଁ ଯିବାର ବ୍ୟବସ୍ଥା କରିଥିଲେ। କିଛି ଦିନ ପାଇଁ ଚିକିତ୍ସା ଚାଲିଲା। କିନ୍ତୁ ଚିକିତ୍ସା ଫଳପ୍ରଦ ହେଲାନି। ସେଥିପାଇଁ ସେ ଶ୍ରୀ ରାମକୃଷ୍ଣଙ୍କୁ ଅନେକ ଥର ବୁଝେଇଲେ, ନିଜର ଭାବନାକୁ ନିୟନ୍ତ୍ରଣରେ ରଖିବାକୁ ପରାମର୍ଶ ଦେଲେ। ଯିଏ ସିନା ପାଗଳ ହେଇଥିବେ, ସେଭଳି ବ୍ୟକ୍ତି ଉପରେ ପରାମର୍ଶ ଓ ଔଷଧ କାମ କରିପାରେ। କିନ୍ତୁ ଯିଏ ଈଶ୍ୱରଙ୍କ ପଥରେ ପଥିକ, ତାଙ୍କୁ କିଏ ବୁଝାଇପାରିବ ? ମଥୁରବାବୁ ଯେତେ ଶ୍ରୀ ରାମକୃଷ୍ଣଙ୍କର ସାନ୍ନିଧ ଲାଭକରି ନିକଟତର ହେଉଥିଲେ, ସେତେ ତାଙ୍କର ମନ ଓ ଚିନ୍ତନ ରାମକୃଷ୍ଣଙ୍କ ପ୍ରତି ଆକର୍ଷିତ ହେଉଥିଲା। କ୍ରମଶଃ ସେ ମନେମନେ ତାଙ୍କୁ ଗୁରୁ ରୂପରେ ମାନିବାକୁ ଲାଗିଲେ। ଦୁଇଜଣଙ୍କ ମଧ୍ୟରେ ଗଢିଉଠିଲା ପାରସ୍ପରିକ ଆସ୍ଥା ଓ ବିଶ୍ୱାସ। ଶ୍ରୀ ରାମକୃଷ୍ଣ ନିଜର ଦିବ୍ୟ-ଦର୍ଶନର ଅନୁଭୂତି ମଥୁରବାବୁଙ୍କୁ କହୁଥିଲେ ଏବଂ ଏ ସମ୍ପର୍କରେ ତାଙ୍କର ମତ ଲୋଡୁଥିଲେ। ଶ୍ରୀ ରାମକୃଷ୍ଣଙ୍କର ଈଶ୍ୱରୀୟ ଜ୍ଞାନ ସହିତ ଶିଶୁସୁଲଭ ସରଳତାର ଅଦ୍ଭୁତ ମିଶ୍ରଣ ପରିଲକ୍ଷିତ କରି ମଥୁରବାବୁ ଅଭୂତପୂର୍ବ ଭକ୍ତିରେ ତନ୍ମୟ ହୋଇ ଉଠିଲେ। ସେ ତାଙ୍କର ଯଥୋଚିତ ଯତ୍ନ ଓ ସେବା କରିବା ସହିତ ନିଜକୁ ତାଙ୍କ ପାଖରେ ସମର୍ପଣ କରିଦେଲେ। ଅନ୍ୟପକ୍ଷରେ ତାଙ୍କର ଆନ୍ତରିକ ଭକ୍ତି ଓ ନିଷ୍କାମ ସମର୍ପଣ ଭାବ ଯୋଗୁ ଶ୍ରୀ ରାମକୃଷ୍ଣଙ୍କର ସାଧନାର ସୂକ୍ଷ୍ମ ଆଧ୍ୟାତ୍ମିକ ଜଗତରେ ମଥୁରବାବୁ କ୍ରମଶଃ ସୁରକ୍ଷିତ ହେଉଥିଲେ। ତାଙ୍କର ଭକ୍ତିପୂର୍ଣ୍ଣ ସେବା କରୁଥିବାରୁ ମଥୁରବାବୁ ନିଜକୁ ସୌଭାଗ୍ୟ ମଣୁଥିଲେ, ଯାହାଫଳରେ ସେ ଦୀର୍ଘ ଚଉଦ ବର୍ଷ ଧରି ଅଦମ୍ୟ ଉତ୍ସାହ ଓ ଭାବପୂର୍ଣ୍ଣ ଭକ୍ତି ସହିତ ତାଙ୍କର ସେବାରେ ନିମଜ୍ଜିତ ରହିଥିଲେ।

ଶ୍ରୀ ରାମକୃଷ୍ଣ ସ୍ୱୟଂ ଏକ ଦେବ-ଦୁର୍ଲଭ ଗୁଣସମ୍ପନ୍ନ ଜନ୍ମରୁ ଥିଲେ, ସେଥିପାଇଁ ତାଙ୍କର ଦୃଷ୍ଟିକୋଣ ଉଦାର ଥିଲା। ଈଶ୍ୱରଙ୍କର ବିଭିନ୍ନ ରୂପକୁ ସେ ବିଶ୍ୱାସ କରୁଥିଲେ ଏବଂ ଗୋଟିଏ ରୂପରେ ସେ କେବେ ଅଟକି ଯାଇନଥିଲେ। ପରମସତ୍ୟ ଏକ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା, ତେଣୁ ଈଶ୍ୱରଙ୍କ ରୂପରେ ତାଙ୍କର କୌଣସି ଭେଦଭାବ ନଥିଲା। କୌଣସି ଭାବର ସାଧନା ସମୟରେ ଏକ ନିର୍ଦ୍ଦିଷ୍ଟ ଅନୁଭୂତି ପାଇବା ଉତ୍ତାରୁ, ଅନ୍ୟ ଭାବର ସାଧନା ପାଇଁ ସେ ଉତ୍ସାହିତ ହେଉଥିଲେ। ସମସ୍ତ ସାଧନାରେ ତାଙ୍କର ନିଷ୍ଠା ଓ ଆନ୍ତରିକତା ଏକାଭିମୁଖୀ ରହୁଥିଲା। ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉପଲବ୍ଧି କରିନାହାନ୍ତି, ସେ ପର୍ଯ୍ୟନ୍ତ ନିଷ୍ଠା ଓ ଅବିଚଳିତ ଭାବେ ସତ୍ୟର ଅନ୍ୱେଷଣ କରୁଥିଲେ। ଏକଦା ତାଙ୍କ ପରିବାରରେ ପୂଜିତ ଇଷ୍ଟଦେବତା ରଘୁବୀର ଶ୍ରୀ ରାମଚନ୍ଦ୍ରଙ୍କ ଦର୍ଶନ ନିମନ୍ତେ ପ୍ରବଳ ଇଚ୍ଛା ପ୍ରକଟିତ ହେଲା। ସୁତରାଂ ସେ ତୀବ୍ରତାର ସହିତ ନିଜ ଜୀବନରେ ସେହି ନିଷ୍ଠାପୂର୍ଣ୍ଣ ସେବକ-ସେବ୍ୟ ଭାବର ଉପଲବ୍ଧି ପାଇଁ ପ୍ରସ୍ତୁତ ହେଲେ। ଏହି ଭାବଟି ଭକ୍ତଶ୍ରେଷ୍ଠ ହନୁମାନଙ୍କର ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ଥିଲା। ବଡ ଆଶ୍ଚର୍ଯ୍ୟର ଘଟଣା ଯେ ସେ ଉକ୍ତ ସାଧନାରେ ସିଦ୍ଧିଲାଭ କରି ଶ୍ରୀରାମଙ୍କର ଅପୂର୍ବ ଜ୍ୟୋତିର୍ମୟ ରୂପ ଦର୍ଶନ କରିବାରେ ସଫଳ ହେଇଥିଲେ। ଏମନ୍ତ ଦିବ୍ୟଦର୍ଶନ ଖୁବ୍ ସ୍ପଷ୍ଟ ଥିଲା ଯାହାକୁ ସେ ବହୁଦିନ ପର୍ଯ୍ୟନ୍ତ ଅନ୍ତର୍ଦୃଷ୍ଟିରେ ଦେଖିପାରୁଥିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ଶକ୍ତି ଧର୍ମ ଓ ନବରାତ୍ର

ହେମନ୍ତ କୁମାର ପରିଡ଼ା


ସମୟର ସ୍ରୋତରେ କେବଳ ଉତ୍କଳ ନୁହେଁ ସମଗ୍ର ଭାରତ ବର୍ଷରେ ବହୁ ଧର୍ମ ଅବାରିତ ଧାରାରେ ପ୍ରବାହିତ ହୋଇ ଏହାକୁ କରିଛି ଆପ୍ଲୁତ। ତନ୍ମଧ୍ୟରୁ ଶାକ୍ତ ଧର୍ମ ଅନ୍ୟତମ । ଶାକ୍ତଧର୍ମ କହିଲେ; ଯେଉଁ ଧର୍ମୀୟ ଚେତନାରେ ଶକ୍ତିଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇ ଉପାସନା କରାଯାଏ । ଏ ଧାରାର ବିଭିନ୍ନ ଅଙ୍ଗ ମଧ୍ୟରୁ ତନ୍ତ୍ର ସର୍ବ ପ୍ରଧାନ । ତନ୍ତ୍ର କହିଲେ, ଏକ ନିର୍ଦ୍ଦିଷ୍ଟ ଅନୁସୃତ ପଦ୍ଧତି, ନିୟମ ବା ବିଧି ଅଥବା ଶାସ୍ତ୍ରର ସମନ୍ୱୟକୁ ବୁଝାଏ ।

ଆସିଛି ଆଶ୍ୱିନ। ପାର୍ବଣର ପରିବେଶ। ବିଲମାଳ, ନଈପଠାରେ କାଶତଣ୍ଡିର ଫେନିକ ରାହାସ। ମା'ଆସୁଛନ୍ତି। ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଞ୍ଚଳ। ଶିଳ୍ପୀ ହାତରେ ରଙ୍ଗର ପସରା। ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା। ମା' ଓହ୍ଲାଇଛନ୍ତି ଧରାପୃଷ୍ଠକୁ। ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା। ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁକ୍ଷୀ। ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ। ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ। ପୋଛି ହୋଇଯିବ ସବୁ ସନ୍ତାପ। ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ। ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର। ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ। ଏହି ନବରାତ୍ରିରେ କିଏ ଉପବାସ ରଖିଛି, ପୁଣି କିଏ ମାନସିକରେ ମା'ଦୁଆରରେ ଦୀପ ଜାଳୁଛି। ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ। 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା।'

ଦେବୀଭାଗବତ କହିଲେ; ପ୍ରଜାପତି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର ଦେବଗଣଙ୍କୁ ସ୍ୱର୍ଗଚ୍ୟୁତ କରିବା ପାଇଁ ଆକ୍ରମଣ କରିବାରୁ ବ୍ୟଥିତ ଦେବଗଣ ପ୍ରତିକାର ବିଧାନାର୍ଥେ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହୁଅନ୍ତି । ପଦ୍ମନାଭ ଦେବଗଣଙ୍କ ଦୁଃଖ ଶୁଣି କହିଲେ, ଏ ଦୈତ୍ୟ କୌଣସି ପୁରୁଷ ଶକ୍ତି ହସ୍ତରେ ନିଧନ ହେବ ନାହିଁ ଓ ବରପ୍ରାପ୍ତି ଅନୁଯାୟୀ ନାରୀ ହସ୍ତରେ ତାହାର ମୃତ୍ୟୁ ହେବ; ତେଣୁ ଏକ ସର୍ବଶକ୍ତିମୟୀ ନାରୀଙ୍କ ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ । ଯଦି ସକଳ ଦେବତା ସେମାନଙ୍କର ଅଙ୍ଗୀକୃତ ନାରୀଶକ୍ତିକୁ ଜାଗ୍ରତପୂର୍ବକ ଏକତ୍ରିତ କରନ୍ତି ତେବେ ତଦ୍‌ଭବ ଶକ୍ତି ହିଁ ତାହାର ନିଧନର କାରଣ ବୋଲାଇବେ । ଏହା ଶୁଣି ଦେବଗଣ ସ୍ୱ ସ୍ୱ ଅଙ୍ଗରୁ ନାରୀଶକ୍ତିକୁ ଜାଗ୍ରତ ପୂର୍ବକ ଏକୀଭୂତ କରିବାକୁ ଲାଗିଲେ । ଉକ୍ତି ସମ୍ମିଳିତ ଶକ୍ତିରୁ ଯେଉଁ ନାରୀ ମୂର୍ତ୍ତି ସୃଷ୍ଟି ହେଲେ, ସେହିଁ ମହାମାୟା ମହାଶକ୍ତି ରୂପ ଧାରଣ କଲେ । ମାତ୍ର ମାର୍କଣ୍ଡେୟ ପୁରାଣୋକ୍ତ ଦେବୀମହାତ୍ମ୍ୟ କୁହନ୍ତି - ଦାନବର ଅତ୍ୟାଚାରରେ ଅତ୍ୟାଚାରିତ ଦେବଗଣଙ୍କ ସମ୍ମିଳିତ କ୍ରୋଧ ଏକ ବିରାଟ ଜ୍ୟୋତିପୁଞ୍ଜର ରୂପ ଧାରଣ କରି ଗଗନ ଚୁମ୍ବୀ ହୁତାସନ ସମ ପ୍ରଜ୍ୱଳିତ ହେବାକୁ ଲାଗିଲା । ସେଥିରୁ ଉଦ୍‌ଭବ ଘଟିଲା ଏକ ନାରୀର । ଅର୍ଥାତ୍ ଦେବଗଣଙ୍କ ଏକୀଭୂତ ଶକ୍ତିୟ ରୂପରେ ତାଙ୍କର ଆତ୍ମ ପ୍ରକାଶ ହେଲା । ସମବେତ ଦେବଗଣ ପୁନଶ୍ଚ ସ୍ୱ ସ୍ୱ ତେଜ ପୁଞ୍ଜରୁ ଅସ୍ତ୍ରଶସ୍ତ୍ରମାନ ଉତ୍ପନ୍ନ କରି ତାହାଙ୍କୁ ପ୍ରଦାନ ପୂର୍ବକ ମହାଶକ୍ତିରେ ପରିଣତ କଲେ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିରୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଳାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

**ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି, ସେକ୍ଟର-୧୦, ସିଡ଼ିଏ, କଟକ, ମୋ- ୮୭୬୩୧୦୭୧୨୬**

ମୁଖ୍ୟ ପ୍ରସଙ୍ଗ



ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ। ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତୀ ପୂଜା କୁହାଯାଏ। ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତି ଉତଫୁଲ୍ଲ ହୋଇ ଜନମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀ ପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି।



# ଦେବୀ ଉପାସନା ଓ ଦଶହରା

କିଶୋର କୁମାର ଜେନା

ଏହି ମହାନ ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ। ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା। ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ। ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମ ଦିବସ। ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ। ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ। ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳିତ ହୁଏ। ଏହା ଦୁର୍ଗାପୂଜାର ଶେଷ ଦିବସ। ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ। ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି।

ଏହି ପବିତ୍ର ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ ବିଜୟ ଦଶମୀ କୁହାଯାଏ। ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତା ମାନଙ୍କର ମଙ୍ଗଳ ବିଧାନ କରିଥିଲେ। ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟା ମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା। ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲେ। ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ। ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁ ପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା। ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୁଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି।

'ଦୁଃଖଦା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ। ପୁଣି ଦେବୀ ମାହାତ୍ମ୍ୟରୁ ଜଣାଯାଏ 'ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ। ଦେବୀ ପୀଠ ଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ। ଏହାକୁ ଷୋଳପୂଜା କୁହାଯାଏ ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ। ଅଷ୍ଟମୀ ଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ। ବଳି ଶବ୍ଦର ଅର୍ଥ ହେଉଛି ଉପହାର। ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡ଼େ। ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଅଛି। ନବମୀ ଦିନ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡ଼େ। ଦଶମୀ ଦିନ ମହାସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ। ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି ଗୋସାଣିମାନଙ୍କର ମେଳଣ ହୁଏ। ଏହାକୁ ଗୋସାଣୀ ଯାତ ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ। ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ ମହାପୂଜା ମଧ୍ୟ କୁହାଯାଏ।

ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି। ଏହି ପର୍ବର ମହତ୍ତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ



ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପ୍ରାକ୍‌କାଳରେ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲ ମାନଙ୍କସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ । ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ଼ଗ ପୂଜା କରାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଲପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ । ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରୀ' ।

**ଆଇନଜୀବୀ, ବଙ୍ଗାଳିସାହି, କଟକ,**
**ଦୂରଭାଷ : ୭୩୨୫୯୦୪୯୨୭**
E-mail :
kishorekumarjena.adv@gmail.com

# ଦଶଭୁଜାଙ୍କ ଦଶ ଆୟୁଧ

ହିନ୍ଦୁ ପୁରାଣ ବର୍ଣ୍ଣିତ ଦେବଦେବୀ ମାନଙ୍କ ମଧ୍ୟରେ ସବୁଠାରୁ ପବିତ୍ର, ସର୍ବଶକ୍ତିଶାଳୀ ଐଶ୍ୱରିକ ଚରିତ୍ର ଜଗତଜନନୀ ମା ଦୁର୍ଗା । ସାଧାରଣତଃ ମା'ଙ୍କର ବୈଭବ, ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ରଣ କୌଶଳ ଓ ଶକ୍ତି ସ୍ୱରୂପିଣୀ ମୁଦ୍ରା ଭିନ୍ନ ଭିନ୍ନ ମୂର୍ତ୍ତି ଓ ଫଟୋଚିତ୍ରରେ କଳାକାରଟିଏ ସ୍ଥାନିତ କରିଥାଏ । ଭକ୍ତମାନେ ମଧ୍ୟ ପରମ ଭକ୍ତିପୂତ ଭାବରେ ଏହି ସ୍ୱରୂପକୁ ହୃଦୟରେ ସ୍ଥାପନା କରି ପୂଜା ଅର୍ଚ୍ଚନା କରିଥାନ୍ତି । ମା'ଙ୍କର ତିନି ନୟନ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିର ପ୍ରତୀକ ହୋଇଥାନ୍ତି । ମା'ଙ୍କର ବାହାନ ପଶୁରାଜ ସିଂହ ତାଙ୍କର ଶକ୍ତିଶାଳୀ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ । ମା' ଦୁର୍ଗାଙ୍କର ସିଂହବାହିନୀ ରୂପ ଭକ୍ତ ମାନଙ୍କୁ ସୁରକ୍ଷାର ଆଶ୍ୱାସନା ଦେଇଥାଏ । ମା' ମଧ୍ୟ ଆସୁରିକ ଶକ୍ତି ପ୍ରତି କ୍ରୁରତା ସହ ଭକ୍ତ ମାନଙ୍କ ପ୍ରତି ଉଦାର ମନୋଭାବର ପରିଚୟ ଦେଇଥାନ୍ତି ।

ପ୍ରାୟତଃ ମା'ଙ୍କୁ ଦଶ ଭୁଜ ବା ହସ୍ତରେ ଦେଖାଯାଏ । ମା'ଙ୍କର ଏ ରୂପକୁ 'ଦଶଭୁଜା'ରେ ନାମିତ କରାଯାଏ । ଏଥିରୁ ଏହା ପ୍ରତୀତ ହୁଏ ଯେ ମା ତାଙ୍କ ଭକ୍ତମାନଙ୍କୁ ଦଶଦିଗରୁ ସୁରକ୍ଷା ପ୍ରଦାନ କରିଥାନ୍ତି । ଦଶ ଦିଗ କହିଲେ ଆମେ ବୁଝୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଆଗ୍ନେୟ, ବାୟବ, ଐଶାନ୍ୟ, ନୈରୁତ, ଅଧ, ଉର୍ଦ୍ଧ । ହିନ୍ଦୁ ଶାସ୍ତ୍ର ମତେ ପ୍ରତ୍ୟେକ ଦିଗର ଜଣେ ଜଣେ ଦିଗପାଳ ରହିଥାନ୍ତି । କ୍ରମାନୁସାରେ ସେମାନେ ହେଲେ ଇନ୍ଦ୍ର, ବରୁଣ, କୁବେର, ଯମ, ଅଗ୍ନିଦେବ, ବାୟୁ ଦେବ, ମହାଦେବ (ଶିବ), ରାହୁ, ଅନନ୍ତଦେବ, ବ୍ରହ୍ମ ଦେବ । ସମସ୍ତ ଦିଗପାଳ ମା ଦୁର୍ଗାଙ୍କ ପ୍ରତି ଅନୁଗତ ଥାଆନ୍ତି ।

ମା'ଦୁର୍ଗାଙ୍କର ଆବିର୍ଭାବ ସମ୍ବନ୍ଧୀୟ ପୌରାଣିକ ତଥ୍ୟ ଏହା ଯେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଁଷୀ ମୁଣ୍ଡ ଥିବା ଏକ ରାକ୍ଷସ) ବ୍ରହ୍ମାଙ୍କର ବରଦାନ ପ୍ରାପ୍ତ ହୋଇ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବିଜୟ କରି ଇନ୍ଦ୍ରାସନ ଅଧିକାର କରିନେଲା, ଫଳରେ ଦେବଗଣ ଭୀତଗ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ । ସର୍ବସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାମାନଙ୍କୁ ନେଇ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ । ଦେବତାମାନଙ୍କର ଦୁର୍ଦ୍ଦଶା ଶୁଣି ଉଭୟ ବିଷ୍ଣୁ ଓ ଶିବ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ କ୍ରୋଧରେ ଉଭୟଙ୍କ ମୁଖ ମଣ୍ଡଳ ଲାଲ୍ ହୋଇଗଲା । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୂକୁଟୀ କୁଟିଳ ହେବାରୁ, ସେହି ତିନିଦେବତାଙ୍କ ମୁଖରୁ ଗୋଟିଏ କାଳାନଳ ସଦୃଶ ତେଜ ପ୍ରକାଶ ହେଲା । ତତ୍ ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ୍ୟ ତେଜ ନିର୍ଗତ ହେଲା । ସମସ୍ତ ତେଜ ଧୀରେ ଧୀରେ ଆକାଶରେ ସମ୍ମିଳିତ ହୋଇ ଏକାକାର ହୋଇଗଲା । ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା । ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭ୍ରୂକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତା ଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀର ନାମ ରଖିଲେ 'ଦୁର୍ଗା' ।

ଦେବୀଙ୍କର ଦଶ ଭୁଜାରେ ନିମ୍ନୋକ୍ତ ଅସ୍ତ୍ରଶସ୍ତ୍ରମାନ ସୁଶୋଭିତ ହୋଇଥାଏ, ଯାହାର ବର୍ଣ୍ଣନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସମସ୍ତ ଅସ୍ତ୍ର ଦେବତାମାନଙ୍କ ଦ୍ୱାରା ପ୍ରଦତ୍ତ ଓ ନିଜସ୍ୱ କିଛି ନା କିଛି ଆଧ୍ୟାତ୍ମିକ ବାର୍ତ୍ତା ବହନ କରିଥାନ୍ତି । ପ୍ରତ୍ୟେକ ଅସ୍ତ୍ରଶସ୍ତ୍ର ମା'ଙ୍କର ଭକ୍ତ ମାନଙ୍କ ସୁରକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା ପାଇଁ ପ୍ରଯୁଜ୍ୟ କହିବା ନିଷ୍ପ୍ରୟୋଜନୀୟ ।

**୧. ଖଡ୍ଗ ବା ତରବାରୀ**

ଏହି ଅସ୍ତ୍ର ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଠାରୁ ମା' ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଜ୍ଞାନ ଓ ବୁଦ୍ଧିର ପ୍ରତୀକ । ତରବାରୀର ଚମକ ଜ୍ଞାନକୁ ସୂଚିତ କରୁଥିବା ବେଳେ ଏହାର ଧାର ପ୍ରଚଣ୍ଡ ଧିଶକ୍ତିର ପରିଚୟ ହୋଇଥାଏ ।

**୨. ତ୍ରିଶୂଳ, ସର୍ପ**

ଏହା ମହାଦେବ ଶିବଙ୍କ ଠାରୁ ଦେବୀଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଏକାଧାରରେ ରକ୍ଷା ଓ ବିନାଶର ପ୍ରତୀକ । ତ୍ରିଗୁଣ ଯଥା ତମ, ରଜ, ସତ୍ତ୍ୱକୁ ଶରୀର ମଧ୍ୟରେ ସନ୍ତୁଳିତ ରଖିବା ଓ ତିନି ଦୁଃଖ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକକୁ ବିନାଶ କରିବାକୁ ଶିକ୍ଷା ଦେଇଥାଏ ।

**୩. ସୁଦର୍ଶନ ଚକ୍ର**

ଦେବୀଙ୍କୁ ଭଗବାନ ବିଷ୍ଣୁ, ସୁଦର୍ଶନ ଚକ୍ର ପ୍ରଦାନ କରିଥିଲେ । ଏହା ଅଜୟତା, ମନର ଗତିକୁ ଇଙ୍ଗିତ କରିଥାଏ । ଏହାର ସ୍ଥାନ ତର୍ଜନୀ ଆଙ୍ଗୁଠିରେ ଏବଂ ଘୂର୍ଣ୍ଣୟମାନ ଅବସ୍ଥାରେ । ଏହି ଅସ୍ତ୍ର ସୂଚିତ କରାଏ ଯେ ପୂରା ବିଶ୍ୱ ବ୍ରହ୍ମାଣ୍ଡ ମା'ଙ୍କ ଅଧିନସ୍ତ ଓ ତାଙ୍କୁ କେନ୍ଦ୍ର କରି ଚାଲୁଅଛି । ଏହି ଅସ୍ତ୍ର ଅଧର୍ମୀ ଓ ଦୁଷ୍ଟ ଶକ୍ତି ର ବିନାଶ ପାଇଁ ଉର୍ଦ୍ଦିଷ୍ଟ ।

**୪. ବଜ୍ର**

ଏହି ଅସ୍ତ୍ର ଇନ୍ଦ୍ରଦେବଙ୍କ ଠାରୁ ମା 'ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଦୃଢ଼ତାର ପ୍ରତୀକ । ଏହା ଭକ୍ତଗଣଙ୍କୁ ପ୍ରେରଣା ଦିଏ ବିପଦ ସମୟରେ ବିଚଳିତ ନହୋଇ ଦୃଢ଼ ଭାବରେ ପରିସ୍ଥିତିର ସାମନା କରିବା ଉଚିତ । ଯେପରି ବିଜୁଳୀ ବା ବଜ୍ର ଯାହାକୁ ସ୍ପର୍ଶ କରେ ତାହା ନିମିଷକେ ଧ୍ୱଂସ ସ୍ତୁପରେ ପରିଣତ ହୋଇଯାଏ । ଦୃଢ଼ମନା ବ୍ୟକ୍ତି ତେଜଶୀଳ ମଧ୍ୟ ହୋଇଥାଏ ।

**୫. ଧନୁଷ ଓ ତୀର**

ଏହି ଅସ୍ତ୍ର ବାୟୁ ଦେବ ମା'ଙ୍କୁ ପ୍ରଦାନ କରିଥିଲେ । ଗୋଟିଏ ହସ୍ତରେ ମା'ଏହି ଅସ୍ତ୍ରକୁ ଧାରଣ କରିଥାନ୍ତି । ଏହା ଶକ୍ତିର ପ୍ରତୀକ ହୋଇଥାଏ । ଧନୁ ସ୍ଥିତିଜ ଶକ୍ତି (potential energy ) ଓ ତୀର ଗତିଜ ଶକ୍ତି ( kinetic energy )କୁ ସୂଚିତ କରାଇଥାଏ । ସେଥିପାଇଁ ମା'ଙ୍କୁ 'ଶକ୍ତି ସ୍ୱରୂପିଣୀ' ମଧ୍ୟ କୁହାଯାଏ ।

**୬. ପରଶୁ ଓ ଭାଲ୍ଲା**

ଏହି ଅସ୍ତ୍ର ବିଶ୍ୱକର୍ମା ଦେବଙ୍କ ଠାରୁ ମା'ଙ୍କୁ ପ୍ରାପ୍ତ ହୋଇଥିଲା । ଏହା ନିର୍ମାଣ



ଓ ବିନାଶକୁ ସୂଚିତ କରାଇଥାଏ । ନକାରାତ୍ମକ ଚିନ୍ତା, ଭାବନାରୁ ଦୂରେଇ ରହିବା ତଥା ଖରାପ କାର୍ଯ୍ୟ, ଅଜ୍ଞାନତା, ଭ୍ରମରୁ ନିଜକୁ ବିସ୍ଥାପିତ କରିବାକୁ ଶିକ୍ଷା ପ୍ରଦାନ କରିଥାଏ ।

**୭. ଗଦା**

ଏହା ଯମ ଦେବଙ୍କ ଠାରୁ ଦେବୀଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ । ସୁସ୍ଥ ଓ ବଳଶାଳୀ ଶାରୀରିକ ଗଠନର ଶିକ୍ଷା ଦିଏ । ସାଧାରଣତଃ ସୁସ୍ଥ, ସୁନ୍ଦର, ବଳଶାଳୀ ବ୍ୟକ୍ତି ହିଁ ଅପରାଜେୟ ହୋଇଥାଏ ।

**୮. ଶଙ୍ଖ**

ଏହା ଶୁଭାରମ୍ଭର ଯନ୍ତ୍ର । ଏହାର ପ୍ରଦାନକାରୀ ବରୁଣ ଦେବ । ଏହାର ଧ୍ୱନି ବିଶ୍ୱ ବ୍ରହ୍ମାଣ୍ଡର ସବୁଠାରୁ ପବିତ୍ର ଓ ଶୁଦ୍ଧ । ଏହାର ତୁଳନା ଦେବ ଧ୍ୱନି ଓଁ ସହ କରାଯାଏ । ଏହାର ଧ୍ୱନି କର୍ଣ୍ଣରେ ବାଜିଲେ ମନ ଓ ଶରୀର ଉନ୍ମାଦିତ ହୋଇଯାଏ । ପ୍ରତ୍ୟେକ ଶୁଭ କର୍ମ ଆରମ୍ଭ ଶଙ୍ଖ ଧ୍ୱନିରେ କରାଯାଇଥାଏ । ଏହା ଏକ ଐଶ୍ୱରୀକ ଧ୍ୱନି ।

**୯. ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମ ଫୁଲ**

ଏହା ମା'ଦୁର୍ଗାଙ୍କୁ ବ୍ରହ୍ମ ଦେବ ପ୍ରଦାନ କରିଥିଲେ । ଏହା ସଫଳତାର ପ୍ରତୀକ । ସଫଳତା ନିଶ୍ଚିତ କିନ୍ତୁ ଏହା ଶେଷ ସଫଳତା ନୁହେଁ । ପଙ୍କରୁ ଜାତ ପଦ୍ମ ଏହି ଶିକ୍ଷା ଦିଏ ଯେ ବ୍ରହ୍ମାଣ୍ଡ ର ଭୌତିକ, ଜାଗତିକ ଚିନ୍ତାଧାରାରୁ ନିବୃତ୍ତ ରହି ମନ ଓ ଶରୀରକୁ ଆଧ୍ୟାତ୍ମିକ ଓ ଐଶ୍ୱରୀକ କାର୍ଯ୍ୟରେ ନିୟୋଜିତ କରିବା ହିଁ ଶ୍ରେଷ୍ଠ ପ୍ରତିଫଳନ ।

**୧୦. ଅଭୟ ମୁଦ୍ରା**

ମା ଦେବୀ ଦୁର୍ଗାଙ୍କର ଗୋଟିଏ ହାତ ସଦା ସର୍ବଦା ଅଭୟ ମୁଦ୍ରାରେ ଦେଖିବାକୁ



ମିଳେ। ଏହି ହାତରୁ ତାଙ୍କର ଭକ୍ତଗଣଙ୍କ ପାଇଁ ଅନବରତ ଆଶୀର୍ବାଦ ବୃଷ୍ଟି ହେଉଥାଏ। ଭକ୍ତମାନଙ୍କୁ ଭୟ, ଆଶଙ୍କାରୁ ମୁକ୍ତି ପାଇଁ ଏହା ଅପରିହାର୍ଯ୍ୟ। ଦେବୀଙ୍କ ନଜରରେ ଥିବା ସମସ୍ତ ଭକ୍ତଗଣ ନିଜକୁ କେବଳ ସୁରକ୍ଷିତ ନୁହେଁ ବରଂ ଭାଗ୍ୟବାନ ମନେ କରନ୍ତି। ସେଥିପାଇଁ ମା'ଙ୍କୁ 'ଅଭୟଦାୟିନୀ' ମଧ୍ୟ ଡକାଯାଏ।



ଏହା ଥିଲା ମା'ଦଶଭୁଜାଙ୍କର ଦଶ ଅସ୍ତ୍ର, ମୁଦ୍ରାର ସଂକ୍ଷିପ୍ତ ଆଲୋଚନା। ପ୍ରତିବର୍ଷ ମା'ଙ୍କର ଧରାବତାରଣ ଭକ୍ତଜନଙ୍କ ମନ ହୃଦୟରେ ଉନ୍ମାଦନା ଖେଳାଇ ଦିଏ। ଆନନ୍ଦ ଭରିଦିଏ, ପ୍ରତିଟି ଭକ୍ତ ହର୍ଷଉଲ୍ଲାସରେ ମା'ଙ୍କ ପର୍ବ ଦଶହରା ପାଳନ କରନ୍ତି। କାହିଁ କେତେ ଆବାହମାନ କାଳରୁ ଏହା ଚାଲି ଆସୁଛି, ଚାଲୁ ରହିବ ମଧ୍ୟ। ଦେବୀଙ୍କ ବିଷୟରେ ବହୁତ ଜଣା ଅଜଣା ତଥ୍ୟ ହିନ୍ଦୁ ପୁରାଣ ଶାସ୍ତ୍ରରେ ରହିଛି। କେହି ଗବେଷକ କହିଲେ, ଲେଖିଲେ ଆମେ ଶୁଣି, ପଢି ମୁଗ୍ଧ ହେଉ। ଯେତେ ଜାଣିଥିଲେ ବି ଆହୁରି ଜାଣିବା ଶୁଣିବାକୁ ଇଛା ଜାଗ୍ରତ ହୁଏ। ଏହା ମା'ଙ୍କ ପ୍ରତି ଆମର ଭଲପାଇବା ଏବଂ ଭକ୍ତି ନୁହେଁ ତ ଆଉ କଣ!!

-ଦିଲ୍ଲୀପ ଶତପଥୀ
ମାତୃ ପିତୃକୃପା, ୫୦୮ ନୂଆସାହି
ନୂଆପଲ୍ଲୀ, ଭୁବନେଶ୍ୱର
ମୋ-୯୪୩୭୧୭୫୭୬୪

## ମନକୁ ଆସିଲା ଯାହା ୩୮

# ମା'.. ଆସୁଛି ବୋଲି...



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଆକାଶରେ ତୋଫା ରଙ୍ଗର ଜହ୍ନ ଝଲସି ଉଠିଲାଣି। ନଈପଠାରେ କାଶତଣ୍ଡୀ ଫୁଲ ବି ଖୁବ ଫୁଟିଲାଣି। ପ୍ରକୃତି ନିଜର ନୈସର୍ଗିକ ଶୋଭା ସମ୍ଭାରରେ ସଜେଇ ହେଲାଣି। ବଜାରଘାଟରେ ବିପଣୀର ପସରା ମେଲିଲାଣି। ଆଖପାଖରେ ଭିଡ ଓ ଗହଳି ପାର୍ବଣର ସୂଚନା ଦେଲାଣି। ହଁ, ମା' ଆସୁଛି ବୋଲି ଚାରିଆଡେ ଚହଳ ପଡିଲାଣି। ଶାରଦୀୟ ଦୁର୍ଗାପୂଜା ପାଇଁ ଉଣା ଅଧିକେ ସମସ୍ତେ ପ୍ରସ୍ତୁତ ହେଲେଣି। ସେପଟ୍ଟେମ୍ବର ମାସର କ୍ୟାଲେଣ୍ଡରରେ ଶେଷ ଆଡ଼କୁ କେଇଟା ହାତ ଗଣତି ଦିନକୁ ଛାଡିଦେଲେ ବାକିସବୁ ନାଲି କାଳିରେ ଅଙ୍କିତ ଚିହ୍ନ ସୂଚେଇ ଦେଲେଣି ଯେ, ପଛକୁ ପଛ ସଜେଇ ହୋଇ ରହିଛି ଅନେକ ଛୁଟି ଦିନ। ଏସବୁ ଆୟୋଜନ କାହା ପାଇଁ କି ଆଉ... ?

ଦୁର୍ଗାପୂଜା ଛୁଟିକୁ ଅନେଇ ବସିଥିବା ଅନେକଙ୍କ ପାଇଁ ଏଇଟା ଗୋଟେ ମଉକା ବୁଲିଯିବା ପାଇଁ। ତେଣୁ ଅନେକ ଆଗରୁ ପ୍ରସ୍ତୁତି। ଫଳତଃ ଟ୍ରେନ ବସ୍‌ରେ ନାହିଁ ନଥିବା ଭିଡ। କିଏ ଘରକୁ ଫେରିବା ପାଇଁ ବ୍ୟଗ୍ର ତ ଆଉ କିଏ ଭିଡ଼ଭାଡ଼କୁ ପଛକରି ନିରୋଳା ଜାଗାକୁ ବୁଲିଯିବା ପାଇଁ ଉଦ୍ୟତ। ଏଥର ପୁଣି ଆଗପଛ ମିଶେଇ ପ୍ରାୟ ୧୦ ଦିନ ଛୁଟି ହେଇଯାଉଛି, ତେଣୁ ଯଦି ସଦୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ମିଳିଯାଏ, ତେବେ ଦୂରବାଟ ବି ବୁଲିଯାଇହେବ। ସେଇଥିପାଇଁ ବୋଧେ କିଛିଦିନ ଆଗରୁ ହିଁ ଉଡାଜାହାଜ ଟିକେଟ ସବୁ ଆକାଶଛୁଆଁ ହୋଇସାରିଲାଣି। ଦେଶର ପ୍ରାୟ ସବୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ନାହିଁ ନଥିବା ଭିଡ। ସତେ ଯେମିତି ଏଇ ପୂଜା ପରେ ଆଉ ବୁଲିବାର ମୌକା ମିଳିବନି। ଦୋକାନ ବଜାରରେ ବି ସେମିତି ଅସମ୍ଭାଳ ଭିଡ। ପୁଣି ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଭଳିକି ଭଳି ସ୍କିମ୍ ଓ ଅଫର୍ ଧରି ହାଜର ବ୍ୟବସାୟୀମାନେ। ସତେ ଯେପରି ଏଇ ପୂଜାବଜାରରେ ବହୁତ କିଛି ବେପାର କରିଯିବାକୁ ଏକରକମ ପ୍ରତିଯୋଗିତା ଚାଲିଛି ଦୋକାନୀମାନଙ୍କ ଭିତରେ। ଅମାଜନ ଆଉ ଫ୍ଲିପ୍‌କାର୍ଟ ପରି ବିପଣକ ମାନେ ବି ଲୋଭନୀୟ ଅଫର୍ ସହ ଆରମ୍ଭ କରିସାରିଲେଣି ବେପାର..କାହାର 'ବିଗ୍ ବିଲିଅନ ଡେ' ତ ଆଉ କାହାର 'ଗ୍ରେଟ୍ ଇଣ୍ଡିଆନ୍ ସପିଂ ଫେଷ୍ଟିଭାଲ'..ଯେମିତି ହେଉ ଗ୍ରାହକଙ୍କ ପକେଟ୍ ଢିଲା କରିବାର ଅଛି । ଖବରକାଗଜର ପ୍ରଥମ ପୃଷ୍ଠାରୁ ନେଇ ଭିତର ପର୍ଯ୍ୟନ୍ତ ନାନାଦି ଚିଜର ରଙ୍ଗୀନ ବିଜ୍ଞାପନ ଭର୍ତ୍ତି।

ପୂଜା ପତ୍ରିକାମାନ ନିଜ ପୃଥୁଳକାୟ ଶରୀର ନେଇ ବଜାରକୁ ଆସିବା ଆରମ୍ଭ କଲେଣି। ଶାରଦୀୟ ବିଶେଷାଙ୍କ ନାମରେ ମନେହୁଏ ସାରଦିଆ ତଟକା ପରିବା ପରି ଏମାନଙ୍କ ବିଶାଳ ବପୁ। ଛୋଟବଡ ନାଁ କରା, ଅନାମଧେୟ, ସୁପରିଚିତ, ବହୁଳପ୍ରଚାରିତ ଓ ପ୍ରସାରିତ ପୁଣି ଅଜ୍ଞାତ, ସବୁ ପ୍ରକାର ଲେଖକଙ୍କୁ ଆପଣ ପାଇବେ, ଏଇ ପୂଜା ପତ୍ରିକାର ଭିଡ ଭିତରେ । କିଛି ପତ୍ରିକା ତ' ବର୍ଷଯାକ ଶୋଇ ରହି ଅପେକ୍ଷା କରିଥାନ୍ତି ଏଇ ପାର୍ବଣ ଋତୁକୁ ଆତ୍ମପ୍ରକାଶ କରିବା ପାଇଁ। ସତେ ଯେମିତି ଏଇ ଗୋଟିକ ଶେଷ ମଉକା ପାଠକ ନିକଟରେ ପହଞ୍ଚିବାପାଇଁ। ସୁଦୃଶ୍ୟ ପରିପାଟୀ ସହ ବିଜ୍ଞାପନରେ ଭର୍ତ୍ତି ଏହି ପତ୍ରିକାମାନଙ୍କୁ ଦେଖିଲେ ସାହିତ୍ୟର ପ୍ରଚାର ପ୍ରସାର କରୁଥିବା ପରି ମନେ ହୁଏ ନାହିଁ, ବରଂ ସାହିତ୍ୟକୁ ସାମାନ୍ୟ ସ୍ଥାନ ଦେଇ କୋଣଠେସା କରି ଦେଇଥିବା ଏକ ଚିକିମିକ ବିଶାଳ ବିପଣୀ ପରି ମନେ ହୁଏ। କେହିଜଣେ କହୁଥିଲେ, ଆଜିର ସାହିତ୍ୟ ପତ୍ରିକାରେ ଅସାହିତ୍ୟ ଭର୍ତ୍ତି। ତଥାପି ଅନେକ ଗଳ୍ପ, କବିତା, ଉପନ୍ୟାସ ସହ ରୋଷେଇ, ବାସ୍ତୁ, ଫେଶନ, ଘରକରଣା ଆଦିବି ଭର୍ତ୍ତି ପତ୍ରିକାର ପୃଷ୍ଠାରେ। ସେ ଯାହାବି ହେଉ, ପାର୍ବଣର ତାଳେତାଳେ ସାହିତ୍ୟପତ୍ରିକା ଗୁଡ଼ିକର ଅଚାନକ ଆବିର୍ଭାବ ବି ଏକ ଶୁଭ ସୂଚନା ନୁହେଁ କି ?

ଗତ କିଛି ଦିନରେ ଖବର କାଗଜ ଗୁଡିକ ମଧ୍ୟ ନିଜ କଳେବରରେ ବୃଦ୍ଧି କରିଛନ୍ତି। କହିବା ବାହୁଲ୍ୟ ଯେ, ରକମ ରକମର ବିଜ୍ଞାପନ ହିଁ ଏଥିପାଇଁ ଦାୟୀ। ସମ୍ମୁଖ ପୃଷ୍ଠା ଓ ପଛପୃଷ୍ଠାକୁ ତ ଏଇ ବିଜ୍ଞାପନ ମାନେ ଆବୋରି ସାରିଲେଣି, ଭିତର ପୃଷ୍ଠା ଗୁଡିକରେ ବି ଏମାନଙ୍କ ସଂଖ୍ୟା ଏତେ ବଢିଯାଇଛି ଯେ, ଖୁନ୍ଦା ଖୁନ୍ଦି ବିଜ୍ଞାପନ ଭିତରେ ହଜିଯାଇଥିବା ଖବରଟିଏକୁ ଖୋଜି ପଢିବାକୁ ପଡୁଛି। କେବଳ ଗାଡି, ଘର, ଶାଢୀ କି ଗହଣା ନୁହେଁ, ପାଠ ପଢାଉଥିବା କୋଚିଂ ସଂସ୍ଥା ଠୁଁ ନେଇ ଆତ୍ମପ୍ରଚାରରେ ବ୍ୟସ୍ତ ରାଜନୈତିକ ଦଳର ନେତା ମାନଙ୍କ ପର୍ଯ୍ୟନ୍ତ ନିଜକୁ ବିଜ୍ଞାପିତ କରି ପାଠକ ପାଖରେ ପହଞ୍ଚିବାକୁ ସମସ୍ତେ ବ୍ୟଗ୍ର। ତା' ସାଙ୍ଗକୁ ପୁଣି ଖବର କାଗଜ ଭିତରେ ଗୁଞ୍ଜି ଦିଆଯାଉଛି ସ୍ଥାନୀୟ ଅଞ୍ଚଳର ଭଳିକି ଭଳି ବିଜ୍ଞାପନ ସମ୍ବଳିତ କାଗଜମାନ। ଏତେସବୁ ଭର୍ତ୍ତି ହୋଇ ଥିବାବେଳେ ଖବରକାଗଜର କଳେବର ବୃଦ୍ଧି ନଘଟିବ ନାହିଁ କି ?

ଏଇଠି ମୋ ମନରେ ପ୍ରଶ୍ନ । ଯାହା ସବୁ ମୁଁ ଲେଖିଲି, ସେ ସବୁ କଣ କେବଳ ମାତ୍ର କାକତାଳିକ ସଂଯୋଗ ମାତ୍ର ? ଶାରଦୀୟ ଦୁର୍ଗାପୂଜା ସହ କୌଣସି ସମ୍ପର୍କ ନାହିଁ ଉପରୋକ୍ତ ଘଟଣାବଳି ର ? ବରଂ ମୁଁ କହିବି ଏସବୁ କେବଳ ଦୁର୍ଗାପୂଜାକୁ ନେଇ ଆମମାନଙ୍କ ମନସ୍ତାତ୍ତ୍ୱିକ ଅବସ୍ଥାର ରୂପାୟନ ମାତ୍ର। ଆମେ ଏଇ ପର୍ବର ଖୁସିକୁ ନେଇ କେତେ ସମ୍ବେଦନଶୀଳ, ତାକୁ ହିଁ ଆର୍ଥିକ ବ୍ୟବସାୟରେ ପରିବର୍ତ୍ତନ କରିବାକୁ ଯେ ଆୟୋଜନ। ଠାଏ ଠାଏ ନବରାତ୍ର ଉତ୍ସବ ପାଇଁ ସ୍ୱତନ୍ତ୍ର ଆୟୋଜନ ଚାଲିଛି। ଆମ ସହରରେ ବି ଦାଣ୍ଡିଆ ନାଚର ସ୍ୱତନ୍ତ୍ର ଉତ୍ସବ ପାଳନ ପାଇଁ ବ୍ୟବସ୍ଥା ହେଉଛି। କେଉଁଠି ମାନ୍ୟବର ଅଦାଲତଙ୍କ ଦ୍ୱାରା ସାଜସଜ୍ଜା ଓ ରାସ୍ତା ଉପରେ ତୋରଣ ତିଆରିକୁ ନେଇ କଟକଣା କରାଗଲାଣି ତ' ଆଉ କେଉଁଠି ମୂର୍ତ୍ତିର ଉଚ୍ଚତା ଓ ଉଚ୍ଚଶବ୍ଦ ସୃଷ୍ଟିକାରୀ ମାଇକ ବଜେଇବାକୁ ନେଇ ବିବାଦ ଉପୁଜିଲାଣି। ସାରାଦେଶରେ ଏଥର କିନ୍ତୁ ଏହି ଶାରଦୀୟ ଦୁର୍ଗାପୂଜାକୁ ନେଇ ଅସମ୍ଭବ ଉତ୍ସାହ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଠାରୁ ଗାନ୍ଧିଜୟନ୍ତି ପର୍ଯ୍ୟନ୍ତ ପାଳନ ହେଉଛି ସେବା ଓ ସ୍ୱଚ୍ଛତାପକ୍ଷ ଏବଂ ବିରାଟ ବୃକ୍ଷରୋପଣର ବିସ୍ତୃତ ଆୟୋଜନ। ପ୍ରଚଳିତ ଜିଏସଟି (ଦ୍ରବ୍ୟ ଓ ସେବା କର) ବ୍ୟବସ୍ଥାରେ ସଂସ୍କାର ଆଣିଛନ୍ତି ସରକାର ଏବଂ ଆଶାନୁରୂପ ଭାବେ ଅନେକ ଚିଜର ମୂଲ୍ୟମଧ୍ୟ ହ୍ରାସ ପାଇଥିବାରୁ, ସରକାର ଏହାର ନାମ ଦେଇଛନ୍ତି 'ସଞ୍ଚୟ ଉତ୍ସବ'। ଏସବୁ ସହ ତାଳ ଦେଇ ପ୍ରତିବର୍ଷ ପରି, ଏଥର ବି ଆସୁଛି ପଛକୁ ପଛ ଦୁଇଟି ଲଘୁଚାପ। ତେଣୁ ଆମପରି ଉପକୂଳବର୍ତ୍ତୀ ଜିଲ୍ଲାରେ ଛୁଟି ବାତିଲ। ଆମପାଇଁ କୁଆଡେ ଯିବାର ସୁଯୋଗ ନାହିଁ। ଅଫିସ ହୁଏତ ଛୁଟି, କିନ୍ତୁ ଘରେ ବସି ଅପେକ୍ଷା କରିଥାଅ, କେତେବେଳେ ବି ଜରୁରୀକାଳୀନ ଡାକରା ଆସିପାରେ।

ନବରାତ୍ରରେ ଦେବୀ ଦୁର୍ଗାଙ୍କ ଅବତାରକୁ ଆମେ ପୂଜା କରୁଛୁ ସିନା ହେଲେ ଆମେ ପରା ସେଇ ମଣିଷ ଯିଏ ଏକୁଟିଆ ମହିଳାଟେକୁ ବଳାତ୍କାର କରିବାକୁ ପଛାଉନାହୁଁ। ପ୍ରାୟ ସବୁଦିନେ ଖବର କାଗଜ, ଟିଭି ନିଉଜ୍ ଧର୍ଷଣ ଓ ବଳାତ୍କାରର ଖବରରେ ଭର୍ତ୍ତି। ଘରେ ପୁଅଟିଏ ଜନ୍ମହେଲେ ଆମେ ଖୁସି ମନଉଛୁ। ପୁଣି ଝିଅଟିଏ ଜନ୍ମ ପୂର୍ବରୁ ହିଁ ହତ୍ୟା କରି ଦେଉଛୁ ଅନାୟାସରେ। ଅବାରିତ କନ୍ୟା ଭ୍ରୁଣହତ୍ୟା ପାଇଁ ଭବିଷ୍ୟତରେ ଆମର ସାମାଜିକ ସନ୍ତୁଳନ ଯେ ବିଗିଡ଼ି ନଯିବ, ସେକଥା କିଏ କହିବ ? କର୍ମକ୍ଷେତ୍ରରେ ହେଉକି ପାରିବାରିକ ବନ୍ଧନରେ ହେଉ, ଆମେ ପୁରୁଷକୁ ପ୍ରାଧାନ୍ୟ ଦେଉଛୁ ପୁଣି କଥା କଥାକେ ମହିଳାମାନଙ୍କୁ ଅପମାନିତ କରିବା, ଗାଳିଗୁଲଜ କରିବା ଏପରିକି ହାତ ଉଠେଇବା ପରି ହିଂସାତ୍ମକ ଆଚରଣ କରିବାକୁ ମଧ୍ୟ ପଛାଉ ନାହୁଁ । ଏଇ କଣ ଆମ ମାନସିକତା ? ଏଇ କଣ ଆମର ନାରୀକୁ ସମ୍ମାନ ? କେବଳ ମା' ଦୁର୍ଗା ଆସୁଛନ୍ତି ବୋଲି ଆମର ଯେ ନ' ଦିନର ଆୟୋଜନ ମାତ୍ର ? ବାକି ବର୍ଷଯାକ... ?

ଶେଷରେ କେବଳ ଧାଡିଏ କହିବି, ପୂଜା ପେଣ୍ଡାଲରେ ସଜେଇ ହୋଇଥିବା ପ୍ରତିମାରେ ଦେବୀ ଦୂର୍ଗା ଥାଆନ୍ତୁ କି ନଥାନ୍ତୁ ପ୍ରତି ମା' ଭିତରେ ଦେବୀଟିଏ ଥାଉ ନିଶ୍ଚୟ। ସେଇ ହେବ ଆମର ଶ୍ରେଷ୍ଠ ଦଶହରା। ସେଇ ହେବ ଆମର ସର୍ବୋତ୍କୃଷ୍ଟ ଶାରଦୀୟ ଉପହାର। ନହେଲେ, ଏ ଭବ୍ୟ ଦିବ୍ୟ ଆୟୋଜନ, କେବଳ ଏକ ତୁଚ୍ଛା ସାଜସଜ୍ଜା ହୋଇ ରହିଯିବ। ନା କଣ କହୁଛନ୍ତି..!!



ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଗରବା ଷ୍ଟାଇଲିସ୍‌ରେ ଦୁପଟା



**ଶାରଦୀୟ ନବରାତ୍ରୀ ଆରମ୍ଭ ହୋଇଗଲାଣି । ମା'ଙ୍କର ପୂଜା ପାଇଁ ବିଭିନ୍ନ ସ୍ଥାନରେ ବେଶ୍ ସଜାସଜିର ଆୟୋଜିତ ହେଉଛି । ନବରାତ୍ରୀରେ ବିଭିନ୍ନ ପୂଜା ପେଣ୍ଡାଲରେ ଦେଖିବାକୁ ମିଳିଥାଏ ଗରବା ନୃତ୍ୟ । ଏହି ସମୟରେ ଦାଣ୍ଡିଆ ନାଇଟ୍ କାଫି କ୍ରେଜ୍‌ରେ ରହିଛି । ମହିଳା ବା ଯୁବତୀମାନେ ଦାଣ୍ଡିଆ ନାଇଟ୍‌କୁ ବହୁତ ଆନନ୍ଦ ବା ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି । ସେଥିପାଇଁ ମଧ୍ୟ ନୂତନ ପୋଷାକ କିଣିଥାନ୍ତି । ଯଦି ଆପଣ କୌଣସି କାମ ପାଇଁ ବ୍ୟସ୍ତତା ଭିତରେ ଦାଣ୍ଡିଆ ବା ଗରବାର କିଛି ପୋଷାକ କିଣିପାରୁ ନାହାନ୍ତି, ତେବେ ଆପଣଙ୍କ ପାଖରେ ଥିବା ଷ୍ଟାଇଲିସ୍ ବା ରଙ୍ଗିନ୍ ଦୁପଟାକୁ ବ୍ୟବହାର କରିପାରିବେ । ସେହି ବିଷୟରେ କିଛି ଟିପ୍ସ ତଳେ ଦିଆଯାଇଛି ।**

## ଦୁପଟାରେ ସ୍କର୍ଟ

ଏହି ଗରବା ନାଇଟ୍ ପାଇଁ ଏକ ଭିନ୍ନ ଲୁକ୍ ଟ୍ରାଏ କରିବାକୁ ଚାହାଁନ୍ତି, ତେବେ ଦୁପଟାଟିକୁ ଯେକୌଣସି ଷ୍ଟାଇଲିରେ ସ୍କର୍ଟ ପରି ପିନ୍ଧିପାରିବେ । ଏହା ଉପରେ କ୍ରପ୍‌ଟପ୍ ପିନ୍ଧିବା ପରେ ବେଲ୍ଟ ସାହାଯ୍ୟରେ ଏହାକୁ ସୁରକ୍ଷିତ ଭାବେ ସେଟ୍ କରନ୍ତୁ । ତେଣୁ ଯଦି ୟୁନିକ୍ ଫେଷ୍ଟିଭ୍ ଲୁକ୍ ଚାହୁଁଛନ୍ତି ତେବେ ଏହି ଷ୍ଟାଇଲ୍ କରନ୍ତୁ । ଏହା ଆପଣଙ୍କୁ ଖୁବ୍ ହଟକେ ଲୁକ୍ ଦେବ । ଏଥିରେ ନିଜ ପସନ୍ଦର ଜୁଏଲାରୀ ମଧ୍ୟ ଆଡ୍ କରିପାରିବେ ।

## ଦୁପଟାରେ ଜ୍ୟାକେଟ୍

ଯଦି ଆପଣଙ୍କ ପାଖରେ ମିରର ୱାର୍କ ଦୁପଟା ଅଛି, ତେବେ ଆପଣ ଏହି ଦୁପଟା ସାହାଯ୍ୟରେ ଲଙ୍ଗ କିମ୍ବା ସର୍ଟ୍ ଜ୍ୟାକେଟ୍ ତିଆରି କରିପାରିବେ । ଏହି ଜ୍ୟାକେଟ୍‌ଟିକୁ କୁର୍ତ୍ତି ଏବଂ ସ୍କର୍ଟରେ ପିନ୍ଧିଲେ ସୁନ୍ଦର ଦେଖାଯିବ । ଏହାକୁ ମଧ୍ୟ ପ୍ଲାଜୋ କିମ୍ବା କ୍ରପ୍‌ଟପ୍ ସହିତ ପେୟାର କରିପାରିବେ । ହେୟାର ଷ୍ଟାଇଲ୍ ଏବଂ ଅଳଙ୍କାର ସହିତ ସ୍ୱତନ୍ତ୍ର ଲୁକ୍ ଦେଇଥାଏ । ଏଥିରେ ଷ୍ଟ୍ରେଟ୍ ହେୟାରକୁ କୁଞ୍ଚିତ କଲେ ଆପଣଙ୍କ ଗରବା ଲୁକ୍ ଏକଦମ୍ ସୁନ୍ଦର ନଜର ଆସିଥାଏ ।

## ଦୁପଟାର ଡ୍ରପ୍

ଯଦି କିଛି ମିରର ୱାର୍କ ବା ରଙ୍ଗିନ୍ ଦୁପଟା ରହିଛି ଏହାକୁ ଲଙ୍ଗ ସ୍କର୍ଟ ସହିତ ଡିଜାଇନ୍ କରି ପିନ୍ଧନ୍ତୁ । ପ୍ରଥମେ ଏହି ଦୁପଟାଟିକୁ କାନ୍ଧରେ ପିନ୍ କରି ଅନ୍ୟ ପାର୍ଶ୍ୱ ଦୁପଟାରେ ଡ୍ରପ୍ କରନ୍ତୁ । ଏହାକୁ ଏକ ପିନ୍ ସାହାଯ୍ୟରେ ଲେହେଙ୍ଗରେ ମଧ୍ୟ ସେଟ୍ କରିବେ । ଏହା ଦ୍ୱାରା ଦୁପଟାର ସମ୍ପୂର୍ଣ୍ଣ ଲୁକ୍ ଆସିଥାଏ । ଏଥିରେ ଆପଣ ଆସେସୋରିଜ୍ ମଧ୍ୟ ବହନ କରିପାରିବେ । ଏହି ଶୈଳୀରେ ପିନ୍ଧିଲେ ଆପଣ ଦାଣ୍ଡିଆ ନାଇଟ୍‌ରେ ସବୁଠାରୁ ସୁନ୍ଦର ବା ନିଆରା ଦେଖାଯିବେ ।

ରୋଷେଇ ଘରୁ

# ନବରତ୍ନ କୋର୍ମା



**ଆବଶ୍ୟକ ସାମଗ୍ରୀ:** ପନିର-୨୦୦ଗ୍ରାମ୍, ଫୁଲକୋବି, ଗାଜର, ଆଳୁ, କ୍ୟାପସିକମ୍, ବିମ, ଗ୍ରୀନ୍ ମଟର, ମକା, ଟମାଟୋ, ଅଦା, କାଜୁ, ନଡ଼ିଆ, ଗୋଟା ମସଲା (ଡାଲଚିନି, ଗୁଜୁରାତି, ଜିରା, ତେଜପତ୍ର, ଚକ୍ରଫୁଲ), ଲୁଣ, କାଶ୍ମିରୀ ଚିଲ୍ଲି, ହଳଦି, କରି ମସଲା, ଚିନି, କସ୍ତୁରୀ ମେଥି, ଫ୍ରେସ୍‌କ୍ରିମ୍, ଧନିଆପତ୍ର ।

**ପ୍ରଣାଳୀ:** ପ୍ରଥମେ ସବୁ ପରିବାକୁ ଧୋଇ ଏହାକୁ ଛୋଟ ଛୋଟ ସାଇଜ୍ କରି କାଟି ରଖନ୍ତୁ । ମସଲା ପ୍ରସ୍ତୁତ ପାଇଁ କାଜୁ, ଅଦା, ଟମାଟୋ, ନଡ଼ିଆ, ଗୁରୁରାତି, ଡାଲଚିନି, ଜିରାକୁ ହାଲୁକା ଭାଜି ଏହାକୁ ଗ୍ରାଇଣ୍ଡିଂ କରି ରଖିବେ । ପ୍ୟାନ୍‌ରେ ତେଲ ଗରମ ହେଲେ ଏଥିରେ କାଟି ରଖିଥିବା ପରିବା ଆଳୁ, ଗାଜର, ଫୁଲକୋବି, ବିମକୁ ଟିକେ ଭାଜନ୍ତୁ । ଏହିସବୁ ଭାଜି ହେଲା ପରେ ଏଥିରେ କ୍ୟାପସିକମ୍, ଗ୍ରୀନ୍ ମଟର, ମକାକୁ ହାଲୁକା ଭାଜିବେ । ସେହି ପ୍ୟାନ୍‌ରେ ତେଲ, ତେଜପତ୍ର, ଡାଲଚିନି, ଚକ୍ରଫୁଲ ଟିକେ ଭାଜି ହେଲେ ଗ୍ରାଇଣ୍ଡିଂ କରି ରଖିଥିବା ମସଲାକୁ ଦେଇ କଷନ୍ତୁ । ଏହି ମସଲାରେ ଲୁଣ, କାଶ୍ମିରୀ ଚିଲ୍ଲି, ହଳଦି, କରି ମସଲା, ଚିନି ଦେଇ ମିଶେଇ ନେବେ । ସେହି କସ୍ତୁରୀ ମେଥି ଓ ଭାଜି ରଖିଥିବା ପରିବାକୁ ଦେଇ କଷନ୍ତୁ । ପରିବା କଷାରେ ପନିର୍, ମକା, ଗ୍ରୀନ୍ ମଟର ଦେଇ ମିଶାଇବେ । ଏଥିରେ ପାଣି ଦେଇ ୪ରୁ୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖନ୍ତୁ । ତରକାରି ଫୁଟିଲେ ସେଥିରେ ଫ୍ରେସ୍‌କ୍ରିମ୍ ପକାଇ ମିଶାନ୍ତୁ । ଶେଷରେ ଧନିଆପତ୍ର ଦେଇ ଗ୍ୟାସ୍ ବନ୍ଦ କରିନେବେ । ଏହାକୁ ଭାତ, ରୁଟି, ନାନ୍ ସହିତ ଖାଇବା ପାଇଁ ଦେଇପାରିବେ ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**

ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଅର୍ଥଲାଭର ସୁଯୋଗ ଆସିବ । ସୁସମ୍ବାଦ ବୃଦ୍ଧିପାଇବ । ବନ୍ଧୁ ସହଯୋଗରେ ଉନ୍ନତି ହେବ । ପ୍ରତିକାର - ସୋମବାର ଦିନ ଶିବଙ୍କ ଦର୍ଶନ କରଣୀୟ ।

**ବୃଷ**

ସପ୍ତାହଟିରେ ବାଦବିବାଦରୁ ଦୂରେଇ ରୁହନ୍ତୁ; ହଇରାଣରେ ପଡ଼ିପାରନ୍ତି । କଠିନ ପରିଶ୍ରମରେ ବ୍ୟବସାୟରେ ଉନ୍ନତି ହୋଇପାରେ । ଶରୀର ଅସୁସ୍ଥ ରହିପାରେ । ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।
ପ୍ରତିକାର -କଳାଗାଈକୁ ରୁଟି ଖାଇବାକୁ ଦିଅନ୍ତୁ ।

**ମିଥୁନ**

ସପ୍ତାହଟି କର୍ମକ୍ଷେତ୍ରରେ ନୂତନ ସଫଳତା ମିଳିବ । ଧନଲାଭର ସୁଯୋଗ ଆସିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ବନ୍ଧୁ ସହଯୋଗ ମିଳିପାରେ । ସନ୍ତାନ ସୁଖରେ ସୁଖୀ ରହିବେ ।
ପ୍ରତିକାର -ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରଣୀୟ ।

**କର୍କଟ**

ସପ୍ତାହଟିରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ । ପାରିବାରିକ ଅଶାନ୍ତି ବଢ଼ିଯିବ । ମହିଳାମାନେ ନିଜ କାମରେ ଲାଗିରହିବେ ।
ପ୍ରତିକାର -ଗୁରୁବାର ଦିନ ବ୍ରାହ୍ମଣଙ୍କୁ ଖାଇବାକୁ ଦିଅନ୍ତୁ ।

**ସିଂହ**

ସପ୍ତାହଟିରେ ଚାକିରିରେ ଆକସ୍ମିକ ପରିବର୍ତ୍ତନ ହେବ । ଶତ୍ରୁମାନେ ପରାଜିତ ହେବେ । ସ୍ୱାସ୍ଥ୍ୟରେ ଉନ୍ନତି କରିବେ । ରୋଗମୁକ୍ତ ହେବେ । ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ । ପ୍ରତିକାର - ରବିବାର ଦିନ ସୂର୍ଯ୍ୟଙ୍କୁ ଜବାଫୁଲ ଦେଇ ଜଳଲାଗି କରନ୍ତୁ ।

**କନ୍ୟା**

ସପ୍ତାହଟିରେ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ । ବନ୍ଧୁ ସହଯୋଗ ମିଳିବ । ଧନଲାଭର ସୁଯୋଗ ଆସିବ । ଇଚ୍ଛିତ ଅଭିଳାଷ ପୂରଣ ହେବ । ପଦୋନ୍ନତିର ସମ୍ଭାବନା । ପାରିବାରିକ ଶାନ୍ତି ମିଳିବ ।
ପ୍ରତିକାର: ବୁଧବାର ଗଣେଶଙ୍କ ପୂଜା କରଣୀୟ ।

**ତୁଳା**

ସପ୍ତାହଟିରେ ମାନ-ସମ୍ମାନ ବୃଦ୍ଧିପାଇବ । ପାରିବାରିକ ସମସ୍ୟାର ସମାଧାନ ହେବ । ଚାକିରି କ୍ଷେତ୍ରରେ ଉନ୍ନତି ହେବ । ବ୍ୟବସାୟରେ ହଇରାଣ ହୋଇପାରନ୍ତି । ବନ୍ଧୁ ସହାୟତା ପାଇବେ । ପ୍ରତିକାର: ଶୁକ୍ରବାର ଦିନ ମା'ଲକ୍ଷ୍ମୀଙ୍କ ପୂଜା କରଣୀୟ ।

**ବିଛା**

ବିଛା: ସପ୍ତାହଟିରେ କର୍ମକ୍ଷେତ୍ରରେ ସ୍ଥାନାନ୍ତର ଯୋଗ ରହିଛି । ଶତ୍ରୁମାନେ ପରାଜିତ ହେବେ । ଅଭୀଷ୍ଟ ଲକ୍ଷ୍ୟ ପୂରଣ ହେବ । ମାନ-ସମ୍ମାନ ବୃଦ୍ଧିପାଇବ । ଶାରୀରିକ ଅସୁସ୍ଥତା ଦେଖାଦେବ ।
ପ୍ରତିକାର: ମଙ୍ଗଳବାର ଦିନ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ ।

**ଧନୁ**

ସପ୍ତାହଟିରେ ବ୍ୟବସାୟରେ କ୍ଷତି ହୋଇପାରେ । କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି । ବନ୍ଧୁମାନେ ହଇରାଣ କରିପାରନ୍ତି । ପାରିବାରିକ ଅଶାନ୍ତି ବୃଦ୍ଧିପାଇବ । ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ । ପ୍ରତିକାର: ଗୁରୁବାର ଦିନ ମା'ଲକ୍ଷ୍ମୀଙ୍କ ପୂଜା କରଣୀୟ ।

**ମକର**

ସପ୍ତାହଟିରେ କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ । ବ୍ୟବସାୟରେ ହଇରାଣ ହୋଇପାରନ୍ତି । ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ । ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ ।
ପ୍ରତିକାର: ସକାଳୁ କାଉକୁ ରୁଟି ଖାଇବାକୁ ଦିଅନ୍ତୁ ।

**କୁମ୍ଭ**

ସପ୍ତାହଟିରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ । ଶାରୀରିକ ଅସୁସ୍ଥତା ବଢ଼ିଯିବ । ମାନସିକ ଅଶାନ୍ତି ହେବ ।
ପ୍ରତିକାର: ଶନିବାର ଦିନ ଶିବଦର୍ଶନ କରଣୀୟ ।

**ମୀନ**

ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ । ସମସ୍ତ କାର୍ଯ୍ୟରେ ସିଦ୍ଧି ଲାଭ କରିବେ । ସାମାଜିକ ସମ୍ମାନ ଲାଭ କରିବେ । ନିଜକାମରେ ସଫଳତା ପାଇବେ । ପାରିବାରିକ ଶାନ୍ତି ଦେଖାଦେବ । ପ୍ରତିକାର: ଗୁରୁବାରଦ ଦିନ ବୃହସ୍ପତୀଙ୍କ ମନ୍ତ୍ରପାଠ କରନ୍ତୁ ।

ସଂସ୍କୃତି ଓ ପରମ୍ପରା

# ମା' ଖମ୍ବେଶ୍ୱରୀଙ୍କ ପୀଠ



ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିବା ବେଳେ ଏଥିପାଇଁ ଚହଟିଲାଣି ସମଗ୍ର ପରିବେଶ । ମା' ଖମ୍ବେଶ୍ୱରୀ ନବଦିନ ବ୍ୟାପୀ ସଜ୍ଜିତ ହେବେ ବିଭିନ୍ନ ବେଶରେ । ଆଉ ହଜାର ହଜାର ଭକ୍ତଗଣ ମା' ଖମ୍ବେଶ୍ୱରୀଙ୍କ ନିକଟରେ ନିଜକୁ ସମର୍ପଣ କରି ଆଶୀର୍ବାଦ ଲାଭ କରିବେ । ଓଡିଶାର ସାଂସ୍କୃତିକ ଏନ୍ତୁଡିଶାଳ ରୂପେ ପରିଚିତ ଥିବା ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳରେ ଆଧ୍ୟାତ୍ମିକ ଚେତନାକୁ ନେଇ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି । ଭାରତବର୍ଷରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ । ଆସିକା ସହରର ଖମ୍ବେଶ୍ୱରୀ ପାଟଣାରେ ପୂଣ୍ୟତୋୟା ଋଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ମା' ଖମ୍ବେଶ୍ୱରୀଙ୍କ ପୀଠ ଅନ୍ୟତମ । ମା' ଖମ୍ବେଶ୍ୱରୀଙ୍କ ଅନେକ ମହିମା ରହିଛି । ଏହି ପୀଠରେ ଭକ୍ତ ଯଦି ନିଜ ହୃଦୟରେ ମା'ଙ୍କୁ ଡାକିଥାଏ ଓ ମନ୍ଦିର ପରିସରରେ ଦୀପଟିଏ ଜଳାଇଥାଏ, ତାହାହେଲେ ମା' ଖମ୍ବେଶ୍ୱରୀ ନିଶ୍ଚିତ ଭାବେ ଭକ୍ତର ମନକଥା ଶୁଣିଥାନ୍ତି ବୋଲି ବିଶ୍ୱାସ ରହିଛି । ଜଗତ୍‌ଜନନୀ, ଶକ୍ତିପ୍ରଦାୟିନୀ, ମାତୃଶକ୍ତି, କରୁଣାମୟୀ, ଆଦିଶକ୍ତି ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଇତିହାସ ଅତି ପ୍ରାଚୀନ । ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାନଙ୍କ ମଧ୍ୟରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା'




ଖମ୍ବେଶ୍ୱରୀଙ୍କ ପୀଠ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଏକ ଅନ୍ୟତମ ଆକର୍ଷଣ । ବର୍ଷ ତମାମ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁ ଭକ୍ତମାନେ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ ଓ ଆଶିଷ ଲାଭ କରିବା ନିମନ୍ତେ ଆସିଥାନ୍ତି । ତେବେ ପୂର୍ବ ପରମ୍ପରା ଓ ବିଧିବିଧାନ ଅନୁଯାୟୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ବେଳେ ନବରାତ୍ରୀ ସମୟରେ ମା' ଖମ୍ବେଶ୍ୱରୀଙ୍କ ନଅ ଦିନ ବ୍ୟାପୀ ସ୍ୱତନ୍ତ୍ର ପୂଜା କରାଯାଉଥିଲା ବେଳେ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ମା'ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥାଏ । ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ଉତ୍ପତ୍ତି ଓ ଆବିର୍ଭାବ ସମ୍ବନ୍ଧରେ ବହୁ ପୁରାଣ ବର୍ଣ୍ଣିତ କଥା, ଉପକଥା, କିମ୍ବଦନ୍ତୀ ଓ ଲୋକକଥା ସାଧାରଣରେ ପ୍ରଚଳିତ ରହିଛି । ଦଶହରା





ପର୍ବ ଠାରୁ ଆରମ୍ଭ କରି ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରରେ ଏହି ଶକ୍ତିପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରର ଭକ୍ତଙ୍କ ସୁଅ ଛୁଟିଥିବା ବେଳେ ନବରାତ୍ର ସମୟରେ ମା'ଙ୍କ ପୀଠରେ ଅସମ୍ଭବ ଭିଡ ହୋଇଥାଏ । ଶାରଦୀୟ ନବରାତ୍ର ପୂଜା ଅବସରରେ ଆସନ୍ତା ୨୨ତାରିଖ ଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ନବଦିନ ବ୍ୟାପୀ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ନବରାତ୍ରୀ ପୂଜାକୁ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ନିଆଯାଇଥିବା ଲକ୍ଷ୍ୟ କରାଯାଇଛି । ମନ୍ଦିର ପରିଚାଳନା କମିଟି ସଂପାଦକ ସଚ୍ଚିଦାନନ୍ଦ ଖଟେଇଙ୍କ ସମେତ ମନ୍ଦିର ପୂଜକ ସନ୍ୟାସୀ ମୁନି, ସତ୍ୟ ନାରାୟଣ ମୁନି, ଶ୍ରୀକାନ୍ତ ମୁନି, ଗଣପତି ମୁନି, ମାଧବ ମୁନି, ସିମାଞ୍ଚଳ ମୁନି, ନରସିଂହ ମୁନି, ସଂଜୟ ମୁନି, ସନ୍ତୋଷ ମୁନି, ପ୍ରମୋଦ କୁମାର ମୁନି, ନୀଳମାଧବ ମୁନି, ଅରବିନ୍ଦ ମୁନି, ମୁନା ମୁନି, ଅଜିତ୍ କୁମାର ମୁନିଙ୍କ ସମେତ ସମସ୍ତ ପୂଜକ ଓ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଏହି ନବରାତ୍ରୀ ପୂଜା କାର୍ଯ୍ୟକ୍ରମକୁ କିଭଳି ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରାଯିବ ଓ ଦୂରଦୂରାନ୍ତର ଭକ୍ତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ତାହାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପମାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ନବରାତ୍ରୀ ଅବସରରେ ଦଶହରା ପର୍ଯ୍ୟନ୍ତ ବିଭିନ୍ନ ଶକ୍ତିପୀଠ ଗୁଡିକରେ ମା'ଙ୍କୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାର୍ତ୍ତାୟିନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ବେଶରେ ସଜ୍ଜିତ କରାଯାଇ ଜିଲ୍ଲାର ଅଭିଜ୍ଞ ତଥା ପୁରୁଖା ପୂଜକମାନଙ୍କ ଦ୍ୱାରା ହୋମଯଜ୍ଞ, ଚଣ୍ଡିପାଠ କରାଯାଇ ଅତ୍ୟନ୍ତ ନିଷ୍ଠା ଓ ତ୍ୟାଗର ସହ ପୂଜାର୍ଚ୍ଚନା କରାଯାଇଥାଏ । କୌଣସି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମା' ଖମ୍ବେଶ୍ୱରୀଙ୍କ କରୁଣା ଲାଭ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଆସିଥାନ୍ତି ।



ମନୋରଞ୍ଜନ

# ଜାତୀୟ ପୁରସ୍କାର ପ୍ରାପ୍ତ 'ମୋ ବୋଉ ମୋ ଗାଁ'





ପଞ୍ଚାବନତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ୭୧ତମ ଜାତୀୟ ପୁରସ୍କାର ଉତ୍ସବରେ କିକ୍ସି ଡିକ୍ସି ଫିଲ୍ମ ଏବଂ ଆର୍‌ଏନ୍‌ଭି ୧୮୨୦ ଫିଲ୍ମ ବ୍ୟାନର ଅନ୍ତର୍ଗତ ପ୍ରସ୍ତୁତ ଏବଂ ସୁପ୍ରଭା ସାହୁଙ୍କ ପ୍ରଯୋଜିତ ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ' ରଜତ କମଳ ପୁରସ୍କାର ଲାଭ କରିଛି। ଦିଲ୍ଲୀରେ ଅନୁଷ୍ଠିତ ଏହି ଚଳଚ୍ଚିତ୍ର ଉତ୍ସବରେ 'ମୋ ବୋଉ ମୋ ଗାଁ'ର ନିର୍ଦ୍ଦେଶକ ତଥା ବଲିଉଡ୍‌ର ଅନ୍ୟତମ ଶ୍ରେଷ୍ଠ ଜାତୀୟ ପୁରସ୍କାର ପ୍ରାପ୍ତ ସାଉଣ୍ଡ୍ ଇଂଜିନିୟର ତଥା ଫିଲ୍ମ ନିର୍ଦ୍ଦେଶକ ସୁବାସ ସାହୁ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ହୋଇଥିଲେ 'ମୋ ବୋଉ ମୋ ଗାଁ'ର ପ୍ରଯୋଜିକା ସୁପ୍ରଭା ସାହୁ। ଆଜିର ଦୁନିଆ, ସଂସ୍କୃତି ପରମ୍ପରା ଗାଁ ଓ ବୋଉଠୁ ଦୂରେଇ ଯାଉଥିବା ବେଳେ ତାକୁ ଜାବୁଡ଼ି ଧରି ରଖିବାର ଏକ ପ୍ରୟାସ କରାଯାଇଛି ଏହି ଫିଲ୍ମ ଜରିଆରେ। ଏହି ସଂସ୍କୃତି, ପରମ୍ପରା ଓ ଗାଁର ମହାନତାକୁ ଉପସ୍ଥାପନା କରିବା ପାଇଁ ଏହାର ସୁଟିଂ ଏବଂ ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହୋଇଥିଲା ୨୦୦୪ରୁ ଓ ଶେଷ ହୋଇଥିଲା ୨୦୨୩ରେ। ୬୩ ମିନିଟ୍ ଅବଧିର ଏହି ପ୍ରାମାଣିକ ଚିତ୍ରର ସୁଟିଂ ହୋଇଛି ନିର୍ଦ୍ଦେଶକ ସୁବାସ ସାହୁଙ୍କ ଗାଁ କେନ୍ଦ୍ରାପଡ଼ାର ବଲୁରିଆ ଏବଂ ଭୁବନେଶ୍ୱର ଠାରେ। ମୋ ବୋଉ ବଲୁରିଆ ଗାଁରେ 'ସେବ ବୋଉ' ଚରିତ୍ର, ଯିଏ ଗାଁର ସଂସ୍କୃତି, ପରମ୍ପରା ଆଉ ଚଳଣିକୁ ସାତ ଦଶନ୍ଧି ଧରି ବଞ୍ଚାଇ ରଖିବାର ଅହରହ ପ୍ରୟାସ କରିଥିଲେ ସେ ଆଜି ଆମ ଗହଣରେ ଆଉ ନାହାନ୍ତି। ତାଙ୍କର ଅମର ଆତ୍ମା ନିଶ୍ଚିତ ଆରପାରିରୁ ଚାହିଁଥିବ ସେଇ ସମୟ ପୁଣି ଥରେ ଫେରି ଆସିବା ପାଇଁ।





# 'କ୍ରୁ' ଫିଲ୍ମ ପାଇଁ ଆଗ୍ରହୀ ଫେରିବେ କରୀନା



ଗତ ବର୍ଷ ରିଲିଜ ହୋଇଥିଲା ଫିଲ୍ମ 'କ୍ରୁ'। ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ କରୀନା କପୁର, କ୍ରିତି ସାନନ୍ ଓ ତବୁ। ଏବେ ଏହି କମେଡ଼ି ଫିଲ୍ମର ସିକ୍ୱେଲ୍‌ର ନିର୍ମାଣ କରିବା ପାଇଁ ଚାହୁଁଛନ୍ତି ରିୟା କପୁର ଓ ଏକତା କପୁର। ଅନେକଗୁଡ଼ିଏ ଆଇଡିଆ ଉପରେ ଟିମ୍ ଚିନ୍ତା କରିବା ପରେ ଗୋଟିଏ ଆଇଡିଆକୁ ନେଇ 'କ୍ରୁ-୨'ର ନିର୍ମାଣ ହେବ ବୋଲି କୁହାଯାଉଛି। ଏହି ଫିଲ୍ମ ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରିବେ କରୀନା। କାରଣ ଏଥିପାଇଁ ସେ ଆଗ୍ରହୀ ଅଛନ୍ତି। ତେବେ ଫିଲ୍ମଟି ବର୍ତ୍ତମାନ ପ୍ରାରମ୍ଭିକ ଚରଣରେ ଥିବାବେଳେ ପୂରା ଟିମ୍ 'କ୍ରୁ'ର ଫ୍ରାଞ୍ଚାଇଜକୁ ନେଇ ଉତ୍ସୁକ ଅଛନ୍ତି। ଖବର ଅନୁସାରେ ଏ-ଲିଷ୍ଟ ହିରୋଇନ୍‌ମାନଙ୍କୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯିବ। କିନ୍ତୁ ପ୍ରଥମ ପାର୍ଟରେ ନଜର ଆସିଥିବା କ୍ରିତି ସାନନ୍ ଓ ତବୁ ଏଥିରେ ସାମିଲ ହେବେ ନାହିଁ। ଯେହେତୁ ଫିଲ୍ମରେ ତିନି ଜଣ ଲିଡ୍ ଅଭିନେତ୍ରୀଙ୍କର ଆବଶ୍ୟକତା ରହିଛି ଏବେ କରୀନାଙ୍କ ସହିତ ଆଉ ଦୁଇ ଜଣ ଅଭିନେତ୍ରୀ କିଏ ସାମିଲ ହେବେ ସେ ସମ୍ପର୍କରେ ଖବରକୁ ଗୁପ୍ତ ରଖାଯାଇଛି। କିନ୍ତୁ ଫିଲ୍ମ 'କ୍ରୁ'ରେ ଏହି ତିନି ଜଣଙ୍କର ଯୋଡ଼ିଙ୍କୁ ଖୁବ୍ ପସନ୍ଦ କରାଯାଇଥିଲା। ବର୍ତ୍ତମାନ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଫିଲ୍ମ 'ବୀର୍ ଦି ୱେଡିଂ'ର ସିକ୍ୱେଲ୍‌ର ନିର୍ମାଣକୁ ନେଇ କରୀନାଙ୍କ ସହିତ କଥାବାର୍ତ୍ତା ଚାଲିଛି। ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ ଫିଲ୍ମ 'ଦାୟରା'ର ସୁଟିଂରେ କରୀନା ବ୍ୟସ୍ତ ଥିବାବେଳେ କ୍ରିତିଙ୍କ ହାତରେ ଅଛି 'ତେରେ ଇସ୍କ ମେଁ'। ସେ ଏବେ 'କକ୍‌ଟେଲ୍-୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ଆରମ୍ଭ ହେଲା 'ଦୋସ୍ତାନା-୨'ର କାମ



କରଣ ଜୋହରଙ୍କ ଚର୍ଚ୍ଚିତ ଫିଲ୍ମ 'ଦୋସ୍ତାନା-୨'କୁ ନେଇ ଆସିଛି ବଡ଼ ଅପ୍‌ଡେଟ୍। ପ୍ରଥମେ ଏହି ପ୍ରୋଜେକ୍ଟରେ କାର୍ତ୍ତିକ ଆର୍ଯ୍ୟନ, ଜାହ୍ନବୀ କପୁର ଓ ଲକ୍ଷ୍ୟ ଲାଲ୍‌ୱାନୀଙ୍କୁ କାଷ୍ଟ କରାଯାଇଥିଲା। କିନ୍ତୁ ବିବାଦ ହେବା ପରେ କାର୍ତ୍ତିକଙ୍କୁ ଫିଲ୍ମରୁ ବାହାର କରିଦିଆ ଯାଇଛି। ଏବେ ତାଙ୍କ ସ୍ଥାନରେ କାଷ୍ଟ କରାଯିବ ଅଭିନେତା ବିକ୍ରାନ୍ତ ମାସିଙ୍କୁ। ଜାତୀୟ ପୁରସ୍କାର ପ୍ରାପ୍ତ ବିକ୍ରାନ୍ତ ମାସି ଏ ଖବରକୁ ନେଇ ପୁଷ୍ଟି କରିଛନ୍ତି। ଧର୍ମା ପ୍ରଡକ୍ସନ୍ ବ୍ୟାନର ଅନ୍ତର୍ଗତ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ ବିକ୍ରାନ୍ତଙ୍କ ସହିତ ଲକ୍ଷ୍ୟ ଲାଲ୍‌ୱାନୀ ନଜର ଆସିବେ। କିନ୍ତୁ ଫିଲ୍ମର ମୁଖ୍ୟ ଅଭିନେତ୍ରୀ କିଏ ହେବେ ସେ ସମ୍ପର୍କରେ ବିକ୍ରାନ୍ତ କିଛି ଟିପ୍ପଣୀ ଦେଇନାହାନ୍ତି। ଏ ବିଷୟରେ କରଣ ନିଜେ ଖବର ଦେବେ ବୋଲି କହିଛନ୍ତି ବିକ୍ରାନ୍ତ। ତେବେ ସୂତ୍ର ଅନୁସାରେ 'ଦୋସ୍ତାନା-୨'ର ସୁଟିଂ ହେବ ୟୁରୋପ୍‌ରେ ଓ ଫିଲ୍ମରେ ବିକ୍ରାନ୍ତଙ୍କ ଏକ ନୂଆ ଅନ୍ଦାଜ ଦେଖିବାକୁ ମିଳିବ। ଡିଜାଇନର୍ କପଡ଼ା ଓ ଷ୍ଟାଇଲିଶ୍ ଚଷମା ସହିତ ନଜର ଆସିବେ ବିକ୍ରାନ୍ତ। ୨୦୦୮ରେ ରିଲିଜ ହୋଇଥିବା ଫିଲ୍ମ 'ଦୋସ୍ତାନା' ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ଯେଉଁଥିରେ ଅଭିଷେକ ବଚ୍ଚନ, ଜନ୍ ଆବ୍ରାହମ୍ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିଥିଲେ। ଫିଲ୍ମଟି କେବଳ ଯେ ବକ୍ସ ଅଫିସ୍‌ରେ ସଫଳତା ହାସଲ କରିଥିଲା ତାହା ନୁହେଁ ଏହାର ଗୀତ ଓ ଫ୍ୟାସନ୍ ଟ୍ରେଣ୍ଡ୍ସ ପପ୍ କଲଚର୍‌ର ଅଂଶବିଶେଷ ହୋଇଗଲା। ସମ୍ପର୍କ ଓ ଦୋସ୍ତିର ନୂଆ ଅର୍ଥକୁ ନେଇ ନିର୍ମିତ ହୋଇଥିବା ଏହାର କାହାଣୀକୁ ଖୁବ୍ ପସନ୍ଦ କରୁଥିବା ଦର୍ଶକମାନେ 'ଦୋସ୍ତାନା-୨' ପାଇଁ ମଧ୍ୟ ବେଶ୍ ଉତ୍ସାହ ଦେଖାଉଛନ୍ତି।



# ଦଶହରାରେ ଦେଖନ୍ତୁ 'ଦଶମ'



ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ଦମ୍‌ଦାର ଫିଲ୍ମ ସହିତ ଓଡ଼ିଆ ଦର୍ଶକଙ୍କ ଘରେ ଘରେ ଆଜି ପହଞ୍ଚି ପାରିଛି ଜୀ ସାର୍ଥକ। ଚ୍ୟାନେଲ୍‌ର ଏକାଧିକ ଫିଲ୍ମ ସଫଳତା ସାଉଁଟିଛି, ସେହିପରି ଦଶମ ଶ୍ରେଣୀର ଅନୁଭୂତି ସବୁ ଏକାଠି କରି ଏକ ଭିନ୍ନ କାହାଣୀ ନେଇ ଆସିଛି ରାଜା ଡି'ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଫିଲ୍ମ 'ଦଶମ'। ଏଇ ଦଶହରାରେ ୨୮ ସେପ୍ଟେମ୍ବର ସନ୍ଧ୍ୟା ୬.୩୦ରେ ଦର୍ଶକମାନେ ଫିଲ୍ମଟିକୁ ଦେଖିପାରିବେ ଜୀ ସାର୍ଥକରେ। ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ, 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ। ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ୍ ଫିଲ୍ମ ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି। ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନି ପ୍ରତୀକ, ଅର୍ମାନ ମହାନ୍ତି, ଜଣ୍ଟି, ସିମ୍ରନ, ନୀଳାଖି, ସୁମନ ପଟ୍ଟନାୟକଙ୍କ ସମେତ ଅଭିଜ୍ଞ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖଙ୍କୁ ବିଭିନ୍ନ ଚରିତ୍ରରେ ଦେଖିବାକୁ ପାଇବେ। ସ୍କୁଲ୍‌ବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା 'ଦଶମ'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ -ଏହା ଆମ ସମାଜର ଲୁକ୍କାୟିତ ବାସ୍ତବତାର ଏକ ଦର୍ପଣ ଏବଂ ଆମ ପାଇଁ ଆତ୍ମନିରୀକ୍ଷଣ ପାଇଁ ଏକ ଆହ୍ୱାନ ହୋଇପାରେ।

# ରସିକାଙ୍କ ଫିଲ୍ମର ଟିଜର୍ ରିଲିଜ





'ମିର୍ଜାପୁର'ର ଅଭିନେତ୍ରୀ ରସିକା ଦୁଗଲ୍ ଓ ଅର୍ଜୁନ ମାଥୁର ଅଭିନୀତ କମେଡି ଥ୍ରୀଲର୍ 'ଲର୍ଡ କର୍ଜନ୍ କି ହଭେଲୀ'ର ଟିଜର୍ ରିଲିଜ ହୋଇ ସାରିଛି। ୩୯ ସେକେଣ୍ଡ୍‌ର ଏହି ଟିଜର୍‌ଟି ହିଚ୍‌କକ୍ ଶୈଳୀର ଏକ ଥ୍ରୀଲର୍ ଯେଉଁଥିରେ ଡାର୍କ ହ୍ୟୁମର୍‌ର ତୀବ୍ର ତଡ଼କା ଦିଆଯାଇଛି। ଟିଜର୍‌ର ଆରମ୍ଭ ହୋଇଛି ଏକ ରହସ୍ୟମୟୀ ଟ୍ରଙ୍କ୍ ସହିତ ଯାହାକୁ ଖୋଲିବା ମାତ୍ରେ ଅନେକ ଭୟଙ୍କର ଘଟଣାକ୍ରମ ଆରମ୍ଭ ହୋଇଯାଉଛି। ଏହାର ପ୍ରାରମ୍ଭିକ ସମୟରେ ଚରିତ୍ରଗୁଡ଼ିକ ହସଖୁସି ଓ ମଉଜମସ୍ତି କରିବାର ନଜର ଆସୁଛନ୍ତି କିନ୍ତୁ ବହୁତ ଶୀଘ୍ର ଘଟଣା ଭୟଙ୍କର ରୂପ ନେବା ସହିତ ବିପଦଜନକ ମଧ୍ୟ ହୋଇଯାଉଛି। ରସିକା ଓ ଅର୍ଜୁନ ମାଥୁରଙ୍କ ସହିତ ଏଥିରେ ପରେଶ ପାହୁଜା ଓ ତନ୍ମୟ ଧନାନିୟା ମଧ୍ୟ ସାମିଲ ଅଛନ୍ତି। ଅଂଶୁମାନ ଝାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ରିଲିଜ ହେବ ଅକ୍ଟୋବର ୨ ତାରିଖରେ। ତେବେ ଅଂଶୁମାନଙ୍କ ନିର୍ଦ୍ଦେଶିତ ଏହା ହେଉଛି ପ୍ରଥମ ଫିଲ୍ମ। ଫିଲ୍ମଟିକୁ ସମ୍ପୂର୍ଣ୍ଣ ଭାବରେ ୟୁକେରେ ସିଙ୍ଗଲ୍-ଲେନ୍ସ ଦୃଷ୍ଟିକୋଣର ଉପଯୋଗ କରି ସୁଟ୍ କରାଯାଇଥିଲା। ପୂର୍ବରୁ କେତେକ ଅନ୍ତଃରାଷ୍ଟ୍ରୀୟ ଫିଲ୍ମ ସମାରୋହରେ ଧୂମ୍ ମଚେଇ ସାରିଥିବା ଏହି ଫିଲ୍ମଟି ୟୁକେ ଏସିଆନ୍ ଫେଷ୍ଟିଭାଲ୍‌ରେ ଅଂଶୁମାନଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକର ପୁରସ୍କାର ଦେଇଥିଲା। ତେବେ ଅକ୍ଟୋବର ୨ ଦିନ ଏହି ଫିଲ୍ମଟିର କ୍ଲାସ୍ ହେବାର ଅଛି ବରୁଣ ଧୱନଙ୍କ ଫିଲ୍ମ 'ସନି ସଂସ୍କାରୀ କୀ ତୁଲ୍‌ସୀ କୁମାରୀ' ସହିତ।



# ‘ଶିଶୁଟି ଆହା କି ସୁନ୍ଦର, ମଣି ରଙ୍କରତନ

ଡକ୍ଟର ସୁରେଶ କୁମାର ନାୟକ

କଥାରେ ଅଛି ଅଭ୍ୟାସ ବଳେ ସବୁ ଗ୍ରନ୍ଥ ପଢ଼ି ହୋଇବ ଜ୍ଞାନବନ୍ତ। ଅର୍ଥାତ ସବୁ କାମରେ ସଫଳତା ପାଇବାକୁ ହେଲେ ଅଭ୍ୟାସ ଜାରି ରଖିବାକୁ ହେବ। ପ୍ରତିଦିନ ଅଭ୍ୟାସ କରୁଥିଲେ କୌଣସି କାମରେ ବିଫଳତା ସ୍ପର୍ଶ କରିପାରିବ ନାହିଁ। ସେଥିପାଇଁ ତ ପିଲାମାନଙ୍କୁ ଛୋଟ ବେଳରୁ ହିଁ ଅଭ୍ୟାସ କରିବା ପାଇଁ ଶିକ୍ଷା ଦିଆଯାଇଥାଏ। ଘରେ ହେଉ ବା ସ୍କୁଲରେ ସବୁ କ୍ଷେତ୍ରରେ ସଫଳତା ପାଇଁ ବାରମ୍ବାର ଅଭ୍ୟାସ କରିବାକୁ ଶିକ୍ଷା ଦିଆଯାଏ। ଅବଶ୍ୟ ପ୍ରଥମେ ହିଁ ପିଲାମାନଙ୍କୁ ସାହାଯ୍ୟ କରନ୍ତି। ସେହିମାନଙ୍କ ପାଇଁ ସମସ୍ତ ଜୀବନରେ ଅନେକଗୁଡ଼ିଏ ଅଭ୍ୟାସ ପିଲାବେଳରୁ ଆମ ଅଜାଣତରେ ହିଁ ହୋଇଯାଇଥାଏ। ଯାହା ଜୀବନର ଅନେକ କ୍ଷେତ୍ରରେ ଆମକୁ ସଫଳତାର ମାର୍ଗ ଦେଖାଇଥାଏ। ତେଣୁ କୌଣସି ଏକ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ହେଲେ ନିରନ୍ତର ଅଭ୍ୟାସ କରି ଅନେକ କିଛି କରିବାକୁ ହେବ ଓ ସେହି ଅନୁରୂପ ଆମକୁ ପ୍ରସ୍ତୁତି କରିବାକୁ ହେବ।

**ଅଭ୍ୟାସ ସ୍ଥିର କରନ୍ତୁ :** ପ୍ରଥମେ ନିଜ ଲକ୍ଷ୍ୟ ଅନୁସାରେ କେଉଁ ସବୁ ଅଭ୍ୟାସ କରିବେ ସ୍ଥିର କରନ୍ତୁ। ଅର୍ଥାତ୍ ପ୍ରତିଦିନ କଣ ସବୁ କାମ କରିବେ ସେ ନେଇ ନିଶ୍ଚିତ ହୁଅନ୍ତୁ। ମନେକର ଆପଣ ସବୁଦିନ ବ୍ୟାୟାମ କରିବାକୁ ଚାହୁଁଛନ୍ତି ଅଥବା ପ୍ରତିଦିନ କିଛି ପୃଷ୍ଠା ପଢ଼ିବାକୁ କିମ୍ବା ଲେଖିବାକୁ ଚାହୁଁଛନ୍ତି, ଇତ୍ୟାଦି। ଏଭଳି କୌଣସି କାମକୁ ଆପଣ ଯଦି କରିବାକୁ ଚାହୁଁଛନ୍ତି ସେନେଇ ପ୍ରଥମେ ନିଜେ ସ୍ଥିର କରନ୍ତୁ। ପ୍ରଥମେ ଲକ୍ଷ୍ୟ ସ୍ଥିର ହେଲେ ସେହି ଅନୁସାରେ ଅଭ୍ୟାସ ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ।

**ନିରନ୍ତର ଅଭ୍ୟାସ ବ୍ୟତିକ୍ରମ ନୁହେଁ :** କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ କାମ ଆରମ୍ଭ କଲେ ତାହା ଅଭ୍ୟାସରେ ପରିଣତ ହେବା ପାଇଁ କିଛି ସମୟ ଲାଗିବ। ସେଥି ନିମନ୍ତେ ଧୈର୍ଯ୍ୟର ସହ ନିରନ୍ତର ଅଭ୍ୟାସ ଜରୁରୀ। କୌଣସି ଦିନ ବି ଅଭ୍ୟାସ ବନ୍ଦ କରନ୍ତୁ ନାହିଁ। ବେଳେ ବେଳେ ଇଚ୍ଛା ହେଉନି କି ଦେହ ଭଲ ନାହିଁ ଅବା ପାଗ ଭଲ ନାହିଁ ଏମିତି କିଛି କହି ଅଭ୍ୟାସ ଅନୁସାରେ କାମ ବନ୍ଦ କରିବା ଆଦୌ ଠିକ ନୁହେଁ। ଯେକୌଣସି ପରିସ୍ଥିତିରେ ବି ଅଭ୍ୟାସ ନିମନ୍ତେ କାମ କରନ୍ତୁ।

**ଅନ୍ୟ ମାନଙ୍କୁ ଜଣାନ୍ତୁ :** ନିଜର ଲକ୍ଷ୍ୟ ତଥା ଅଭ୍ୟାସ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାନ୍ତୁ। ଅନ୍ୟମାନେ ଆପଣ ଅଭ୍ୟାସ ସମ୍ପର୍କରେ ଜାଣିବା ଫଳରେ ଆପଣ ସତର୍କ ରହିବେ। କାମରେ କୌଣସି ଭୁଲ ହେବାମାତ୍ରେ ଅନ୍ୟମାନେ ଆପଣଙ୍କ ଉପର ଦୃଷ୍ଟି ରଖିଥିବେ। ଏହା ଫଳରେ ଆପଣଙ୍କୁ କେହି ଜଣେ ଜଗି ରହିବା ଭଳି ମନେ ହେବ। ଫଳରେ ପ୍ରତିଦିନ ଅଭ୍ୟାସ କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୋଇପାରିବେ।

**ଆତ୍ମ ସମୀକ୍ଷା :** ଭଲ ଅଭ୍ୟାସଟିଏ ଆରମ୍ଭ କରିଥିଲେ ନିଜକୁ ନିଜେ ସମୀକ୍ଷା କରନ୍ତୁ। ପ୍ରତିଦିନ ଅଭ୍ୟାସ ଅନୁସାରେ କାମ କରୁଛନ୍ତି ଓ କିଛି ଦିନ ପରେ ଧୀରେ ଧୀରେ ନିଜର କିଛି ପରିବର୍ତ୍ତନ ହେଉଛି କି ନାହିଁ ସେ ନେଇ ନିଜକୁ ପରୀକ୍ଷା କରନ୍ତୁ। କିଛି ଦିନ ମଧ୍ୟରେ ନିଜେ ଅନୁଭବ କରିପାରିବେ ଯେ ନିଶ୍ଚିତ ଭାବେ କିଛି ସକାରାତ୍ମକ ପରିବର୍ତ୍ତନ ହେଉଛି। ଫଳରେ ପ୍ରତିଦିନର କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ନିଜ ମନରୁ ମଧ୍ୟ ପ୍ରେରଣା ଆସିବ। ସମୟ ପୂର୍ବରୁ ମନକୁ ମନ ସଚେତନ ହୁଅନ୍ତୁ। ଅର୍ଥାତ୍ ଆସନ୍ତା କାଲି ସକାଳୁ ଉଠି କୌଣସି କାମ କରିବାକୁ ଥିଲେ ପୂର୍ବଦିନ ରାତିରୁ ହିଁ ମନ ଭିତରେ ପ୍ରସ୍ତୁତି କରି ଶୋଇବାକୁ ହେବ। ଏଭଳି ଭାବେ ସମୟ ଆସିବ ପ୍ରାକୃତିକ ଭାବେ ଆପଣ ସେହି ସବୁ କାମ ଠିକ ସମୟରେ ଉଠି କରିପାରିବେ।



**ଆତ୍ମ ସନ୍ତୋଷ :** କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ମାସ ମାସ କି ବର୍ଷ ବର୍ଷ ଲାଗି ନପାରେ। ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି ଥିଲେ ହୁଏତ ମାତ୍ର କିଛି ଘଣ୍ଟା ମଧ୍ୟରେ ବି ଅଭ୍ୟାସରେ ପରିଣତ ହୋଇପାରେ। କିଛି ଅଭ୍ୟାସ ଏପରି ଅଛି ଯାହା ଏକ କ୍ଷଣରେ ବି ହୋଇପାରେ। ଉଦାହରଣ ସ୍ୱରୂପ ଆପଣ ଏକ ଗରମ ଜିନିଷରେ ହାତ ଲଗାଇ ଦେବା ଫଳରେ ହାତ ପୋଡ଼ି ଯାଇପାରେ। ସେହି ଘଟଣା ପରଠାରୁ ସେଭଳି କୌଣସି ଜିନିଷରେ ହାତ ଲଗାଇବା ପୂର୍ବରୁ ଆପଣ ସତର୍କ ହୋଇ ପ୍ରଥମେ ଧୀରେ ଧୀରେ ଅନ୍ୟ କୌଣସି ଉପାୟରେ ହାତ ଲଗାଇବେ। ତେଣୁ ଏଭଳି କିଛି ଅଭ୍ୟାସ ରହିଛି, ଯାହା ମାତ୍ର କିଛି ମିନିଟ ମଧ୍ୟରେ ହୋଇପାରେ।

**ନିଜକୁ ପୁରସ୍କୃତ କରନ୍ତୁ :** କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ନେଇ ଅନୁଭବ କରିବା ପରେ ଖୁସି ହୁଅନ୍ତୁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ମାତ୍ର କିଛି ପାହାଚ ଅତିକ୍ରମ କରିପାରିଥିଲେ ବି ସେଥିରେ ଖୁସି ଜାହିର କରନ୍ତୁ। ଏଭଳି ସକାରାତ୍ମକ ଅନୁଭବ ଆଗକୁ ଯିବା ପାଇଁ ମନ ଭିତରୁ ପ୍ରେରଣା ଦେଇପାରିବ। ଫଳରେ ନିଶ୍ଚୟ ସଫଳତା ହାସଲ କରିବେ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।


ପିଲାମାନଙ୍କୁ ଗଢ଼ି ତୋଳିବାରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସର୍ବପ୍ରଥମେ ଅଭିଭାବକ, ପରିବାର ଓ ସେ ମିଶୁଥିବା ସମସ୍ତଙ୍କର ମଧ୍ୟ ଉତ୍ତମ ଦିଗଦର୍ଶନର ସହଯୋଗିତା ରହିଛି। ଆପଣଙ୍କ ଆଜିର କୋମଳମତି ଶିଶୁଟି ଆସନ୍ତା କାଲି ସକାଳର ଏକ ଉଜ୍ଜ୍ୱଳ ଭବିଷ୍ୟତ। ଏହି ସମୟରେ କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - ‘ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର। ପିତାମାତାଙ୍କର ଗଳାରେ, ସେହି କୁସୁମ ହାର। ଶିଶୁଟି ଆହା କି ସୁନ୍ଦର, ମଣି ରଙ୍କରତନ। ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନ। ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର, ଶିଶୁଟିଏ ନାହିଁ ଯାହାକୋଳେ ତା’ର ଘର ଅନ୍ଧାର। ସମ୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ ତାକୁ ସେ ଯେବେ ନ କରଇ ଯତନ।’





**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**





# କେତେ ହାନିକାରକ ରାସାୟନିକ ରଙ୍ଗ !

ନାଟ୍ୟସାରଥି ଅଭୟ କୁମାର ଦାସ

ସଂପ୍ରତି ମୂର୍ତ୍ତିକାରିଗରୀରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି । ଏହା ଆମ ସମସ୍ତଙ୍କ ପାଇଁ ଘାତକ । ସଚେତନତାକୁ ବ୍ୟାପକ କରିବା ସହ ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଲୋଡ଼ା । ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ, ଗଛ ଲଗାଇବା ଓ ଟ୍ରାଫିକ ନିୟମ ମାନିବା ସହ ସହରର ପାର୍ବଣରେ ଡିଜେମୁକ୍ତ ରୋଷଣି, ନିଶାମୁକ୍ତ ଭଷାଣି ଓ ପ୍ଲାଷ୍ଟିକ ମୁକ୍ତ ପୂଜା ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି ।

ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମ ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳୀ ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ । ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳ ସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ । ବଡ଼ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନହେବାରୁ ଏହାକୁ ନେଇ ଚାରିଆଡ଼େ ଏକ ପ୍ରକାର ନୀରବତାର ହୋହାଲ୍ଲା !! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁୱବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ । ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର । ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟ, ମୋଲିବଡ଼େନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି । ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ । ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ । ଯାହା ଜାପାନ୍‌ରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା । ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା । ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ । ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ବେଶ୍ ନାଁ ଥିବା ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ । ମୂର୍ତ୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନ ମାନର ରଙ୍ଗ ବ୍ୟବହାର କରୁଛନ୍ତି । କିନ୍ତୁ ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା । ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷ ଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣି କାରିଗରମାନେ ଏହି ପ୍ରଦୂଷଣ ବିପର୍ଯ୍ୟୟ କରିବାକୁ ପଛାଉ ନାହାଁନ୍ତି ।

ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ କିନ୍ତୁ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହେଉଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ପ୍ରଧାନ ଓ ସର୍ବୋତ୍ତମ ଶ୍ରେଷ୍ଠ କର୍ତ୍ତବ୍ୟ । ରାଜ୍ୟର ଅନେକ ସ୍ଥାନରେ ନଦୀ, ନାଳ ଜଳକୁ ଲୋକମାନେ ନିଜର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ଠାରୁ ଜୀବନ ରକ୍ଷକ ପିଇବା ପାଣି, ଗାଈ ଗୋରୁମାନଙ୍କ ବ୍ୟବହାର କରିଥାନ୍ତି । ଏହି ରାସାୟନିକ ପ୍ରଦୂଷଣ ଭୟାନକ ଭାବେ ନଦୀ ନାଳକୁ ସଂକ୍ରମିତ କରିଚାଲୁଥିବାବେଳେ ଏହାକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି । ସେହିପରି ଗାଈଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱଭାବିକ ଭାବେ ଅସୁସ୍ଥ ହୋଇଥାଏ । କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶ ଭାବରେ ଯେଉଁ ଗୁରୁତର ଭାବେ ପ୍ରଭାବ ପକାଇଥାଏ ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ



ବୋଲି କୃଷିବିଜ୍ଞାନୀ ମାନେ ମତ ଦିଅନ୍ତି । ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ । ଆଉ ଗୋଟିଏ କଥା ହେଉଛି ଯେଉଁ ମୂର୍ତ୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତ୍ତିରେ ଦେଇଥାନ୍ତି ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକ ପ୍ରକାର ବିକିରଣର ପ୍ରଭାବ ପକାଇ ଏହା ସେମାନଙ୍କ ଶରୀରକୁ ରୋଗାକ୍ରାନ୍ତ କରିଥାଏ । ମୂର୍ତ୍ତି ବିସର୍ଜନ ବେଳେ ଯେଉଁ ପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାଁନ୍ତି କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ ସେପରି କୌଣସି ସଚେତନତା ସୃଷ୍ଟି ନହେଉଥିବାରୁ ଦିନକୁ ଦିନ ଏହି ପ୍ରଦୂଷଣ ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ସାଧାରଣରେ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ । ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତୀ ନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ । ଧରାପୃଷ୍ଠରେ ମାଆଙ୍କ ଆଗମନୀ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରିବା ସହ ମୂର୍ତ୍ତି ପ୍ରସ୍ତୁତିରେ ରଙ୍ଗର ଯେଉଁପରି ବ୍ୟାପକ ପ୍ରୟୋଗ ହେଉଛି ଏହାକୁ ସଚେତନ କରିବା ସହ ସମସ୍ତଙ୍କୁ ଏକ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦେଲେ ପାର୍ବଣ ଆନନ୍ଦମୟ ହେବ ।


**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**




ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଲିଭର ଓ ଫାଇବ୍ରୋସ୍କାନ୍

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ଲିଭର ବା ଯକୃତ (କଳିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ




ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ



ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଳିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ। ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ। ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

**ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**



## ଅଧକପାଳି ବା ମାଇଗ୍ରେନ

# ଧକ୍ ଧକ୍ ହୋଇ ମୁଣ୍ଡବିନ୍ଧା

ଡାକ୍ତର ରାମପ୍ରସାଦ ରାୟ

ମୁଣ୍ଡ ତୀବ୍ର ଭାବରେ ବିନ୍ଧା ଛିଟିକା ହୋଇ ଧକ୍ ଧକ ଅନୁଭବ ହେଉଛି କି ? ମୁଣ୍ଡ ଭିତରଟା ଓଜନିଆ ଓଜନିଆ ଲାଗି ଭାରି ପଡ଼ିଲା ପରି ତମାମ ଦେହହାତ ଏକ ପ୍ରକାର ଶିର ପୀଡ଼ା ହୋଇ ଶରୀର ଅସ୍ୱାଭାବିକ ଲାଗୁଛି କି ? ଏହି ମୁଣ୍ଡ ବିନ୍ଧା ଅସହ୍ୟ ହୋଇ କେତେକ କ୍ଷେତ୍ରରେ ଜ୍ୱର ମଧ୍ୟ... ? ଏହିପରି ଅନୁଭବ କରୁଛନ୍ତି କି ? ଏହା ଅଧକପାଳି ବା ମାଇଗ୍ରେନ ବୋଲି କୁହାଯାଏ। ଅଧକପାଳି ହେଉଛି ମୁଣ୍ଡବ୍ୟଥା ଜନିତ ସମସ୍ୟା ଯେଉଁଥିରେ ବାରମ୍ବାର ମଧ୍ୟମ ବା ତୀବ୍ର ଯନ୍ତ୍ରଣା ସହ ମୁଣ୍ଡବ୍ୟଥା ହୋଇଥାଏ। ଏହା ସାଧାରଣ ମୁଣ୍ଡବିନ୍ଧା ଠାରୁ ଭିନ୍ନ। ଅର୍ଥାତ୍ ଅଧକପାଳି ବା ମାଇଗ୍ରେନ୍‌ରେ ମୁଣ୍ଡର କେବଳ ଗୋଟିଏ ପାଖରେ ଯନ୍ତ୍ରଣା ହୋଇଥାଏ। ଫଳରେ ମୁଣ୍ଡର କେବଳ ଗୋଟିଏ ପାଖରେ ଧକ୍ ଧକ୍ ହୋଇ ବିନ୍ଧା ଅନୁଭୂତ ହୋଇଥାଏ ଓ ଧୀରେ ଧୀରେ ଏହା ବେକ ଓ କାନ୍ଧରେ ମଧ୍ୟ ଯନ୍ତ୍ରଣା ସୃଷ୍ଟି କରିଥାଏ। ତେବେ ଆସନ୍ତୁ ଅଧକପାଳି ସମ୍ପର୍କରେ କିଛି କଥା ଜାଣିବା।

**ଅଧକପାଳିର କାରଣ :** ଏହା ବଂଶଗତ ହୋଇପାରେ। କେତେକ ନିର୍ଦ୍ଦିଷ୍ଟ ଜିନ୍‌ରେ ପରିବର୍ତ୍ତନ। ଅତ୍ୟଧିକ ମାନସିକ ଚାପ, ଦୁଃଖ ଓ ଅବସାଦ। ଋତୁସ୍ରାବ ସମୟରେ ମହିଳାଙ୍କର ହରମୋନରେ ହେଉଥିବା ଅସନ୍ତୁଳନ। ରଜୋନିବୃତ୍ତି, ଗର୍ଭାବସ୍ଥା ତଥା କୌଣସି ପ୍ରକାର ଗର୍ଭରହିତ ଔଷଧ ସେବନ। ହାଇପର ଟେନ୍‌ସନ ଥିଲେ। ନିଦ୍ରାହୀନତାଜନିତ ସମସ୍ୟା, ଖାଦ୍ୟରେ ଅନିୟମିତତା। ମାଦକ ଦ୍ରବ୍ୟ, ଚକୋଲେଟ, ଖଟା ଫଳ ଆଦିର ଅଧିକ ସେବନ। ଆଲୋକ ବା ଶବ୍ଦ ପ୍ରଦୂଷଣ। ହଠାତ୍ ଶରୀରରେ ତାପମାତ୍ରାରେ ବୃଦ୍ଧି।

**ଲକ୍ଷଣ :** ମୁଣ୍ଡର ଗୋଟିଏ ଫାଳ ଧକ୍ ଧକ୍ ହୋଇ ବିନ୍ଧା ହେବା। ଶାରୀରିକ ପରିଶ୍ରମ ସମୟରେ ହଠାତ୍ ମୁଣ୍ଡ ବିନ୍ଧା। ମୁଣ୍ଡର ଗୋଟଏ ପାଖରେ ବିନ୍ଧା ହୋଇ ବାନ୍ତି ହେବା ବା ବାନ୍ତି ଲାଗିବା। ଆଖି, ମୁହଁ, ବେକ ତଥା କାନ୍ଧରେ ଯନ୍ତ୍ରଣା ହେବା। ଆଖି ସାମ୍ନାରେ ହଠାତ୍ ଅନ୍ଧାର ହୋଇଯିବା, ମୁଣ୍ଡ ବିନ୍ଧା ହୋଇ ନିଦୁଆ ନିଦୁଆ ଲାଗିବା, କଥାବାର୍ତ୍ତା କରିବାରେ ଆଗ୍ରହ ନଆସିବା।



**ପ୍ରତିକାର :** ଦିନକୁ ଅତି କମ୍‌ରେ ୬ରୁ ୮ଘଣ୍ଟା ଶୁଅନ୍ତୁ। ନିଜର ବ୍ୟସ୍ତବହୁଳ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଚିନ୍ତା ଓ ଅବସାଦକୁ କମାଇବାକୁ ଚେଷ୍ଟା କରନ୍ତୁ। ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ପ୍ରତ୍ୟେକ ଦିନ ବ୍ୟାୟାମ କରନ୍ତୁ। ଯୋଗ ଓ ପ୍ରାଣାୟମ ଖୁବ ଭଲ, ନିୟମିତ ଶାରୀରିକ କୁସ୍ତିକସରତ ଶରୀରର ଦକ୍ଷତାକୁ ବଢ଼ାଇଥାଏ। ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ବିଶୁଦ୍ଧ ପିଇବା ପାଣି ସହିତ ନିର୍ଦ୍ଦିଷ୍ଟ ସମୟରେ ବିଶ୍ରାମ କରନ୍ତୁ। ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଠାରୁ ଦୂରେଇ ରହିବା ଭଲ। ନିୟମିତ ସମୟରେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ପ୍ରାଥମିକ ଅବସ୍ଥାରୁ ମୁଣ୍ଡ ବିନ୍ଧା ଆରମ୍ଭ ହେଲେ କିମ୍ବା ମୁଣ୍ଡ ଓଜନିଆ ଓଜନିଆ ଲାଗିଲେ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଦେଶୀ ଚିକିତ୍ସା ବା ଗୁଣୀଗାରେଡ଼ି ଏ ସବୁ ପାଇଁ ବିଶ୍ୱାସ ରଖନ୍ତୁ ନାହିଁ।

ମୁଣ୍ଡବିନ୍ଧା ସମସ୍ୟା ପାଇଁ କେହି କେହି ଆରୋଗ୍ୟ ନିବାରକ ମଲମ ଅନେକ ବ୍ୟବହାର କରନ୍ତି, ବାସ୍ତବରେ କିନ୍ତୁ ଏହା ସେପରି ଉପଶମ ଦେଇନଥାଏ। ସେହିପରି ବିନ୍ଧା ସମସ୍ୟା ପାଇଁ ମନଇଚ୍ଛା ପେନକିଲର ଗ୍ରହଣ କରନ୍ତୁ ନାହିଁ। ଏହାର ପ୍ରତିକାର ପାଇଁ ବିଭିନ୍ନ ଔଷଧ ଓ ଥେରାପି ମଧ୍ୟ ରହିଛି। ମାତ୍ର ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ। ମାଇଗ୍ରେନକୁ ନେଇ ସେପରି କିଛି ଭୟଭୀତ ହେବାର କାରଣ ନାହିଁ। ଡାକ୍ତରୀ ପରାମର୍ଶରେ ଆପଣ ଆରୋଗ୍ୟ ଲାଭ କରିପାରିବେ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

ମହକ

# ଅନନ୍ୟ ଶିଶୁ ଚିତ୍ରଶିଳ୍ପୀ : ସୁମନ ବେହେରା

ଶିଶୁ ହସିଲେ ଦୁନିଆ ହସିବ, ଆମ ଶିଶୁ ଆମ ଭବିଷ୍ୟତ ଏହି ନ୍ୟାୟରେ ଆମ ଶିକ୍ଷିତ ସମାଜ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଧ୍ୟାନ ଦେବା ସହ ତାଙ୍କ ସ୍ୱପ୍ନ, ଇଚ୍ଛା ତଥା ଶିଶୁ ସୃଜନକୁ ଅନୁଭବ କରିବା ଅପରିହାର୍ଯ୍ୟ। ନିଜର ଶିକ୍ଷା, କଳା ସାଧନା ସର୍ବୋପରି ଅନ୍ତର୍ନିହିତ ଗୁଣାବଳୀର ବିକାଶ ଆଦିରେ ଆଗ୍ରହ ରଖି ଅଧୁନା ପ୍ରତିଯୋଗୀତାମୂଳକ ସମୟରେ ଖୁବ କୃତୀ ଅର୍ଜନ କରି ଛାତ୍ର ସମାଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ମେଧା ଛାତ୍ର ସୁମନ ବେହେରା। ପିତା ବିଶିଷ୍ଟ ସମାଜସେବୀ ତଥା ରକ୍ତଦାତା ଇଂ.ରାମଚନ୍ଦ୍ର ବେହେରା ଓ ମାତା ଧର୍ମପ୍ରାଣା ଜାନକୀ ବେହେରାଙ୍କ କୋଳ ମଣ୍ଡନ କରି କଟକ ସଦର ଖଣ୍ଡେଇତା ପଞ୍ଚାୟତ ଶଙ୍ଖତ୍ରାସ ଡାକ







ଉପକଣ୍ଠ ଧାନଘରପଡ଼ା ଗ୍ରାମରେ ଜନ୍ମ ନିଅନ୍ତି ଏହି ଶିଶୁ ପ୍ରତିଭା ୨୦୧୪ ମସିହାରେ। ପିଲାଟି ଦିନରୁ ସୁମନଙ୍କ ପାଠପଢା ପ୍ରତି ଯେତିକି ଆଗ୍ରହ ଠିକ ସେତିକି ଚିତ୍ରକଳା, ପ୍ରବନ୍ଧ ଲିଖନ, ବକ୍ତୃତା, କ୍ରୀଡ଼ା ଆଦି ଅନେକ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିବା ସୁମନ୍ ପଢୁଥିବା ଶ୍ରୀ ସାଇ ପବ୍ଲିକ ସ୍କୁଲ ଅନନ୍ତପୁର ଫୁଲନଖରା କଟକ ଚତୁର୍ଥ ଶ୍ରେଣୀର ଛାତ୍ର ଭାବେ ତଥା କଟକ ସଦର ମାଟିର ଗର୍ବ ଗୌରବକୁ ସୁଦୂରପ୍ରସାରୀ କରି ଚାଲିଛନ୍ତି। ସେ ଆଜି ଯେ କୌଣସି ଚିତ୍ରକଳା ବା ଦୃଶ୍ୟରାଜିର ନିଖୁଣ ଭାବେ ଖୁବ୍ ଚିତ୍ତାକର୍ଷକ ଚିତ୍ର ଆଙ୍କି ଚିତ୍ରକଳା ପ୍ରତି ନିଜର ଆଗ୍ରହ ଜାହିରି କରିପାରିଛନ୍ତି। ବିଭିନ୍ନ ମହାପୁରୁଷଙ୍କ ଫୋଟ, ବିଜ୍ଞାନଧର୍ମୀ ଚିତ୍ର ସହ ପ୍ରକୃତିର ସୁନ୍ଦର ରୂପକୁ ନିଜର କୁଶଳୀ ତୂଳୀ ମାଧ୍ୟମରେ ରୂପ ଦେଇଛନ୍ତି ଯାହାର ବାସ୍ତବତା ଦର୍ଶକମାନଙ୍କ ମନମୁଗ୍ଧ କରିପାରିଛି। କରୋନା ମହାମାରୀ ସମୟରେ ସ୍କୁଲ ବନ୍ଦ ଥିବାରୁ ସେ ଘରେ ବସି ସ୍କୁଲର ପାଠ୍ୟ ଖସଡ଼ା ଅନୁଯାୟୀ ପଢ଼ିବା ସହ ଅନ୍‌ଲାଇନ୍‌ରେ ସମସ୍ତ ପ୍ରତିଯୋଗିତାରେ ଭାଗନେବା ଏବଂ ଶ୍ରେଣୀ ପ୍ରମୋଶନ ପରୀକ୍ଷାରେ ସଫଳ ହେଇଛନ୍ତି। ସେ ବିଦ୍ୟାଳୟ ସ୍ତରୀୟ ଚିତ୍ରଙ୍କନ, ସାଧାରଣ ଜ୍ଞାନ, ସ୍ଲୋଗାନ ଲିଖନ ଓ ପୋଷ୍ଟର ଅଙ୍କନରେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ଲାଭ କରିବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କ କୃତିତ୍ୱକୁ ଶ୍ରଦ୍ଧା ନିବେଦନ ପୂର୍ବକ ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର, ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ କଟକ ସଦର, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା, ପ୍ରବାସୀ ସାହିତ୍ୟ ସଂସଦ ମୁମ୍ବାଇ, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା କଟକ ଶାଖା, ଉତ୍କଳ ୟୁଥ୍ ଟ୍ରଷ୍ଟ ବାଙ୍ଗାଲୋର, ସୃଜନଶିଳ କିଶୋର ପ୍ରତିଭା ମଞ୍ଚ କଟକ ଶାଖା, ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ କଟକ, କିଶନନଗର ଶିଶୁ ମଙ୍ଗଳ କ୍ଲବ, ଆଦର୍ଶ ଯୁବ ସଙ୍ଘ ଭାରତ, ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ଶାଖା, ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ଆଦି ବହୁ ସଂଗଠନ ଦ୍ୱାରା ସମ୍ବର୍ଦ୍ଧିତ। ତାଙ୍କ ଚିତ୍ରାଙ୍କନ ମାଧ୍ୟମରେ କରୋନା ଭୂତାଣୁ ସମ୍ବନ୍ଧୀୟ ଜନ ସଚେତନତା, ପରିବେଶ ସୁରକ୍ଷା ବାର୍ତ୍ତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିତ୍ରଲିପି ଖୁବ୍ ପ୍ରଶଂସନୀୟ ଆଉ ସମାଜ ପାଇଁ ଶିକ୍ଷଣୀୟ ବାର୍ତ୍ତା ବହନ କରେ। ଏତେ କମ୍ ବୟସରୁ ତାଙ୍କ ବହୁମୁଖି ପ୍ରତିଭା ପାଇଁ ସୁମନର ସହପାଠୀ, ଗୁରୁଜନ, ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଗର୍ବିତ ଆଉ ଏହି ଦିଗରେ ତାଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ଏପରିକି ବିଭିନ୍ନ କାର୍ଯ୍ୟକ୍ରମରେ



ସୁମନଙ୍କୁ ତାଙ୍କ ମାତା ଏବଂ ପିତା ଉଭୟ ସାଙ୍ଗରେ ନେଇ ସବୁ ପ୍ରତିଯୋଗିତା, କାର୍ଯ୍ୟକ୍ରମ, ସଭା ସମିତି, ଆଲୋଚନାଚକ୍ର ମାନଙ୍କରେ ଭାଗ ନେବାର ସୁଯୋଗ ଦେଇଛନ୍ତି ଏଣୁ ସାଧାରଣରେ ଏହି ମହତ କାର୍ଯ୍ୟକୁ ଖୁବ ପ୍ରଶଂସା କରାଯିବା ସହ ଧନ୍ୟ ସେ ପିତାମାତା ଓ ସୁପୁତ୍ର ଭାବେ ଚର୍ଚ୍ଚା ହେବା ସହ ସବୁ ଅଭିଭାବକ ମାନେ ଏହିପରି ପିଲାମାନଙ୍କ ଆଗ୍ରହ, ଉତ୍ସାହ ଆଉ ମନୋଭାବ ତଥା ଶୋଭନୀୟ ଚିନ୍ତା ଚେତନାକୁ ବାସ୍ତବ ରୂପରେଖ ଦେବା ଜରୁରୀ। ତାଙ୍କ ପିତା ଇଂ.ରାମଚନ୍ଦ୍ର ଜୀ ଜଣେ ଖ୍ୟାତି ସଂପନ୍ନ ଇଲେକ୍ଟ୍ରିକାଲ ବିଭାଗର ଯନ୍ତ୍ରୀ ଅଟନ୍ତି ଯେକି ଜଣେ ଅନନ୍ୟ ଆଦର୍ଶ ଭାବ ଧାରାର ମହାନ୍ ବ୍ୟକ୍ତିତ୍ୱ। ଏଥିସହ ସେ ସାମାଜିକ ସଂଗଠନ ଆଦର୍ଶ ଯୁବ ସଂଘ ଭାରତର ଜଣେ ଆଗଧାଡିର କାର୍ଯ୍ୟକର୍ତ୍ତା ଏବଂ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ପରିଚାଳନା ଦାୟୀତ୍ୱରେ ରହି ଉଭୟ ସମାଜସେବା, ସାହିତ୍ୟ, ସଂସ୍କୃତି, କଳା ଓ ଆଧ୍ୟାତ୍ମିକତା ଭାବ ଧାରାର ପ୍ରଚାର ପ୍ରସାର ଦିଗରେ ନିଜର ଶ୍ରମ ଓ ସମୟ ଦାନ କରୁଅଛନ୍ତି। ଏହି ଶିଶୁ ପ୍ରତିଭାଙ୍କ ସ୍ୱପ୍ନ ହେଉ ସଫଳ ସମଲକ୍ଷ ଆଉ ଶୁଭଙ୍କର, ତାଙ୍କ ପିତା ମାତାଙ୍କର କଠିନ ପରିଶ୍ରମ ହେଉ ପୂର୍ଣ୍ଣାଙ୍ଗ ବା ସାକାର ଏବଂ ପ୍ରତିଭାର ବାସ୍ତବ ପରିଚୟ ସ୍ୱରୁପ ଏହି ଶିଶୁ ପ୍ରତିଭା ପ୍ରତିଯୋଗୀମୂଳକ ସମୟରେ ସମାଜରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତୁ ଏତିକି ପ୍ରାର୍ଥନା।

---

# ନମଃ ଶିବାୟୈ

## (ଛନ୍ଦଃ- ଉପେନ୍ଦ୍ରବଜ୍ରା)

ଡାକ୍ତର କୃଷ୍ଣକେଶବଷଡ଼ଙ୍ଗୀ

**ନମଃ ଶିବାୟୈ କୃତସଚ୍ଛିବାୟୈ**
**ନମୋଽମ୍ବିକାୟୈ ତ୍ରିତୟାମ୍ବିକାୟୈ ।**
**ନମୋଽଗଜାୟୈ ଗଜହଧ୍ୱଜାୟୈ**
**ନମୋଽସ୍ତୁ ଶକ୍ତ୍ୟୈ ଶିବଲାଭଭକ୍ତ୍ୟୈ ।୧।**

ଯିଏ ସୁନ୍ଦର ମଙ୍ଗଳ ବିଧାନ କରନ୍ତି, ସେହି ଶିବଙ୍କ ପତ୍ନୀଙ୍କୁ ନମସ୍କାର। ତିନି ଦେବତାଙ୍କର ମାତା ଅମ୍ବିକାଙ୍କୁ ନମସ୍କାର। ପର୍ବତର କନ୍ୟା, ଯାହାର ଧ୍ୱଜାରେ ଗଜହନ୍ତା ସିଂହ ଅଛି, ସେହି ଦୁର୍ଗାଙ୍କୁ ନମସ୍କାର। ଶିବଙ୍କୁ ପ୍ରାପ୍ତ କରିବା ପାଇଁ ଭକ୍ତି ରଖିଥିବା ଶକ୍ତିଙ୍କୁ ମୋର ନମସ୍କାର।

**ନମୋଽପ୍ୟୁମାୟୈ ମହିଷାସୁହନ୍ତ୍ର୍ୟୈ**
**ନମୋଽଘବିଧ୍ୱଂସଧୁରନ୍ଧରାୟୈ।**
**ନିଶୁମ୍ଭଶୁମ୍ଭାର୍ଦ୍ଦନଦାରୁଣାୟୈ**
**ନମୋ ନମଃ ଶଙ୍କରବଲ୍ଲଭାୟୈ ।୨।**

ମହିଷାସୁରକୁ ବଧ କରିଥିବା ଉମାଙ୍କୁ ନମସ୍କାର। ପାପ ନାଶ କରିବାରେ ଅଗ୍ରଣୀ ଥିବା ଦେବୀଙ୍କୁ ନମସ୍କାର। ନିଶୁମ୍ଭ ଓ ଶୁମ୍ଭ ରାକ୍ଷସକୁ ସଂହାର କରିବାରେ ଭୟଙ୍କର ରୂପ ଧାରଣ କରିଥିବା ଦେବୀଙ୍କୁ ନମସ୍କାର। ଶଙ୍କରଙ୍କ ପ୍ରିୟତମାଙ୍କୁ ବାରମ୍ବାର ନମସ୍କାର।

**ନମୋ ରମାୟୈ ବିଭବପ୍ରଦାୟୈ**
**ନମୋଽସମାୟୈ କମଲାଳୟାୟୈ।**
**ନମୋଽନ୍ନପୂର୍ଣ୍ଣାଭିଧୟା ଶ୍ରୁତାୟୈ**
**ନମୋଽସ୍ତୁ ଲୋକତ୍ରୟମାତୃକାୟୈ ।୩।**

ଐଶ୍ୱର୍ଯ୍ୟ ପ୍ରଦାନ କରୁଥିବା ରମା (ଲକ୍ଷ୍ମୀ)ଙ୍କୁ ନମସ୍କାର। ଅତୁଳନୀୟା, ପଦ୍ମରେ ବାସ କରୁଥିବା ଦେବୀଙ୍କୁ ନମସ୍କାର। ଅନ୍ନପୂର୍ଣ୍ଣା ନାମରେ ପ୍ରସିଦ୍ଧା ଦେବୀଙ୍କୁ ନମସ୍କାର। ତିନି ଲୋକର ମାତାଙ୍କୁ ମୋର ନମସ୍କାର।

**ନମଃ କବୀନ୍ଦ୍ରବ୍ରଜପୂଜିତାୟୈ**
**ନମୋ ବିପଞ୍ଚୀସ୍ୱରସର୍ଜିକାୟୈ ।**
**ନମୋଽଜ୍ଞତାଜାଡ୍ୟତମୋହରାୟୈ**
**ନମୋଽସ୍ତୁ ବାଣ୍ୟୈ ଶ୍ରୁତିବନ୍ଦିତାୟୈ ।୪।**

ଶ୍ରେଷ୍ଠ କବିଗଣଙ୍କ ଦ୍ୱାରା ପୂଜିତା ଦେବୀଙ୍କୁ ନମସ୍କାର। ବୀଣାର ମଧୁର ସ୍ୱର ସୃଷ୍ଟି କରୁଥିବା ଦେବୀଙ୍କୁ ନମସ୍କାର। ଅଜ୍ଞାନତା ଏବଂ ଜଡ଼ତାର ଅନ୍ଧକାରକୁ ଦୂର କରୁଥିବା ଦେବୀଙ୍କୁ ନମସ୍କାର। ବେଦଦ୍ୱାରା ପୂଜିତା ବାଣୀ (ସରସ୍ୱତୀ)ଙ୍କୁ ମୋର ନମସ୍କାର।

**ନମୋ ମଧୁଘ୍ନ୍ୟୈ ଖଳକୈଟଭାସୁ-**
**କ୍ଷୟୋନ୍ମଦାୟୈ ନମ ଉତ୍ତମାୟୈ ।**
**ନୃମୁଣ୍ଡମାଳାବିଲସଦ୍ଗଳାୟୈ**
**ନମୋ ନମଃ ଶ୍ୟାମଳକାଳିକାୟୈ ।୫।**

ମଧୁ ରାକ୍ଷସର ବିନାଶକାରିଣୀ, ଦୁଷ୍ଟ କୈଟଭ ରାକ୍ଷସର ବିନାଶରେ ଉନ୍ମତ୍ତ, ସର୍ବୋତ୍ତମା ଦେବୀଙ୍କୁ ନମସ୍କାର। ମାନବ ମୁଣ୍ଡମାଳାରେ ଶୋଭିତ ଗଳା ଯାହାର, ସେହି ଶ୍ୟାମଳା କାଳିକାଙ୍କୁ ବାରମ୍ବାର ନମସ୍କାର।

**ନମୋ ନମଦ୍ରକ୍ଷଣତତ୍ପରାୟୈ**
**ନମଃ ସମାଧୌ ସଦୟେକ୍ଷଣାୟୈ ।**
**ନମୋଽସ୍ତୁ ମେଧାତିଥିବୋଧିତାୟୈ**
**ନମଃ ଶତାକ୍ଷ୍ୟୈ ସୁରଥସ୍ତୁତାୟୈ ।୬।**

ଶରଣାଗତଙ୍କୁ ରକ୍ଷା କରିବାରେ ସର୍ବଦା ତତ୍ପର ଥିବା ଦେବୀଙ୍କୁ ନମସ୍କାର। ସମାଧି(ବୈଶ୍ୟ)ଠାରେ କରୁଣାମୟ ଦୃଷ୍ଟି ରଖିଥିବା ଦେବୀଙ୍କୁ ନମସ୍କାର। ମେଧାତିଥି ଋଷିଙ୍କ ଦ୍ୱାରା ବୋଧିତା (ଜାଗ୍ରତ କରାଯାଇଥିବା) ଦେବୀଙ୍କୁ ନମସ୍କାର। ଶତାକ୍ଷୀ ନାମରେ ଖ୍ୟାତ ଓ ସୁରଥ ରାଜାଙ୍କ ଦ୍ୱାରା ସ୍ତୁତା ଦେବୀଙ୍କୁ ନମସ୍କାର।

**ନମୋ ଜୟାୟୈ ବିଜୟପ୍ରଦାୟୈ**
**ନମୋ ମହତ୍ୟୈ କୃତଚଣ୍ଡହତ୍ୟୈ।**
**ନମୋଽସ୍ତୁ ମୁଣ୍ଡାସୁରନାଶିକାୟୈ**
**ନମଃ କୃତସ୍ଥାନଜନୁର୍ଲୟାୟୈ ।୭।**

ବିଜୟ ପ୍ରଦାନକାରିଣୀ ଜୟା ଦେବୀଙ୍କୁ ନମସ୍କାର। ଚଣ୍ଡକୁ ବଧ କରିଥିବା ମହତୀ ଦେବୀଙ୍କୁ ନମସ୍କାର। ମୁଣ୍ଡାସୁରର ବିନାଶକାରିଣୀଙ୍କୁ ନମସ୍କାର। ସୃଷ୍ଟି, ସ୍ଥିତି ଏବଂ ପ୍ରଳୟର କର୍ତ୍ତ୍ରୀଙ୍କୁ ନମସ୍କାର।

**ନମୋ ମୃଗେନ୍ଦ୍ରାସନରାଜିତାୟୈ**
**ନମୋଽପ୍ୟନେକାୟୁଧସଜ୍ଜିତାୟୈ।**
**ଶରନ୍ମହାପୂଜନତୋଷିତାୟୈ**
**ନମୋ ନମଃ କୋଟିରବିପ୍ରଭାୟୈ ।୮।**

ସିଂହାସନରେ ବିରାଜମାନ କରୁଥିବା ଦେବୀଙ୍କୁ ନମସ୍କାର। ଅନେକ ଆୟୁଧରେ ସଜ୍ଜିତା ଦେବୀଙ୍କୁ ନମସ୍କାର। ଶରତ ଋତୁର ମହାପୂଜା (ଦୁର୍ଗାପୂଜା) ଦ୍ୱାରା ସନ୍ତୁଷ୍ଟା ଦେବୀଙ୍କୁ ନମସ୍କାର। କୋଟି ସୂର୍ଯ୍ୟଙ୍କ ପରି ତେଜସ୍ୱିନୀ ଦେବୀଙ୍କୁ ବାରମ୍ବାର ନମସ୍କାର।

**ସ୍ତବଂ ନବଂ କେଶବକୃଷ୍ଣଗୀତଂ**
**ସୁଭକ୍ତିଭାବାମଳମାନସୋ ଯଃ।**
**ପଠତ୍ୟବଶ୍ୟଂ ଜଗଦେକମାତୁଃ**
**କୃପାପ୍ରସାଦଂ ଲଭତେ ସ ନିତ୍ୟମ୍ ଭଣିତିଃ।**

ଯେଉଁ ମନୁଷ୍ୟ ଶ୍ରେଷ୍ଠ ଭକ୍ତିଭାବରେ ପରିପୂର୍ଣ୍ଣ ନିର୍ମଳ ମନରେ କୃଷ୍ଣକେଶବଙ୍କ ଦ୍ୱାରା ରଚିତ ଏହି ନୂତନ ସ୍ତୁତିକୁ ପାଠ କରନ୍ତି; ସେ ନିଶ୍ଚିତ ଭାବରେ ଜଗତର ଏକମାତ୍ର ମାତା (ଦେବୀ)ଙ୍କର କୃପା ଓ ପ୍ରସାଦ ସର୍ବଦା ପ୍ରାପ୍ତ ହୁଅନ୍ତି।

ମୋ-୯୪୩୭୫୬୬୩୨୪

---

ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୨୮- ଅକ୍ଟୋବର-୪)

## ଏଇ ସପ୍ତାହ


ସେପ୍ଟେମ୍ବର ୨୮, ୧୯୦୭-ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ ଏହିଦିନ ଜନ୍ମଗ୍ରହଣ କରିଥିଲେ।



ସେପ୍ଟେମ୍ବର ୨୯, ୧୯୧୩- ଡିଜେଲ୍ ଇଞ୍ଜିନ୍‌ର ଆବିଷ୍କାରକ ରୁଡଲ୍ଫ ଡିଜେଲଙ୍କର ନିଧନ ହୋଇଥିଲା।




ସେପ୍ଟେମ୍ବର ୩୦, ୧୯୯୩- ମହାରାଷ୍ଟ୍ରରେ ହୋଇଥିବା ଭୂମିକମ୍ପ କାରଣରୁ ୨୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ।




ଅକ୍ଟୋବର ୧, ୧୯୪୯-ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ହୋଇଥିଲା।



ଅକ୍ଟୋବର ୨, ୧୮୬୯-ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ।



ଅକ୍ଟୋବର ୩, ୧୯୫୨-ବ୍ରିଟେନ୍ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା ଯାହାର ନାମ ଦିଆଯାଇଥିଲା 'ହରିକେନ୍'।



ଅକ୍ଟୋବର ୪, ୧୯୫୭-ସୋଭିଏତ୍ ସଂଘ ପ୍ରଥମ ଉପଗ୍ରହ 'ସ୍ପୁଟନିକ୍' ସଫଳତାପୂର୍ବକ ଅନ୍ତରୀକ୍ଷକୁ ପଠେଇଥିଲା।





# ଦେବୀ ଦୁର୍ଗା ଓ ପ୍ରକୃତି

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ଜଗଜ୍ଜନନୀ କଲ୍ୟାଣୀ ମା'ଦୁର୍ଗା ଦୁର୍ଦ୍ଦାନ୍ତ ଅସୁର ମହିଷାସୁରକୁ ବଧ କରି ଦେବତା ମାନବ, ମୁନିରଷି ସମସ୍ତଙ୍କୁ ତାର ଉତ୍ପୀଡ଼ନରୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମ ଧାରଣ କରିଛନ୍ତି। ମା'ସର୍ବଦା ତାର ସନ୍ତାନର କଲ୍ୟାଣ କରିବା ପାଇଁ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରିଥାଏ। ସେହିପରି ଭାବରେ ଦୁର୍ଗତିନାଶିନୀ ମୋକ୍ଷପ୍ରଦାୟିନୀ ପତିତପାବନୀ ଅନ୍ନପୂର୍ଣ୍ଣା ମା'ଦୁର୍ଗା ଦୀର୍ଘ ଶହେବର୍ଷର ଅନାବୃଷ୍ଟିରୁ ଜଗତକୁ ଉଦ୍ଧାର କରି ପୃଥିବୀବାସୀଙ୍କୁ ଅନ୍ନ, ଜଳ, ଫଳ, ଶାକ, ଓ ବନସ୍ପତି ପ୍ରଦାନ କରି ଶାକମ୍ଭରୀ ନାମ ବହନ କରିଛନ୍ତି। ଏହାଦ୍ୱାରା ମା'ବଞ୍ଚି ରହିବା ପାଇଁ ପ୍ରକୃତିକୁ କିପରି ସର୍ବାଗ୍ରେ ପ୍ରାଧାନ୍ୟ ଦେବା ଆବଶ୍ୟକ ତାହାର ନିଦର୍ଶନ ସ୍ୱରୂପ ନିଜେ ଫୁଲ, ଫଳ ଓ ପତ୍ରର ଗଜରାମାଳରେ ମଣ୍ଡି ହୋଇ ସୁସଜ୍ଜିତ ହୁଅନ୍ତି, ସେଇ ମା'ଶାକମ୍ଭରୀଙ୍କ ବିଷୟ ଆଜିର ଆଲୋଚ୍ୟ ବିଷୟ।**

ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା'ଦୁର୍ଗା ନାମ ଧାରଣ କରିଛନ୍ତି। ହିରଣ୍ୟାକ୍ଷ ବଂଶରେ ଦୈତ୍ୟ ରୁରୁର ପୁତ୍ର ଥିଲେ ଦୁର୍ଗମ। ଦୁର୍ଗମ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ମହାପରାକ୍ରମଶାଳୀ ହୋଇପାରିଥିଲା। ବରପ୍ରାପ୍ତି ଫଳରେ ସେ ବ୍ରହ୍ମାଙ୍କ ଠାରୁ ଚାରିବେଦ ମଧ୍ୟ ମାଗିଆଣିଥିଲା। ଫଳରେ ବୈଦିକ ରୀତିନୀତି, ଯାଗଯଜ୍ଞାଦି ବନ୍ଦ ହେବାରୁ ଦେବତାମାନେ ଯଜ୍ଞର ହବିର୍ଭାଗ ନପାଇ ଦୁର୍ବଳ ଅନୁଭବ କଲେ। ତା'ର ପ୍ରଭାବରେ ମର୍ତ୍ତ୍ୟରେ ଏକ ଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା। ଏହାପରେ ଦୁର୍ଗମ ନିଜର ଅଧିକାରକୁ ସ୍ୱର୍ଗପୁରରେ ଜାହିର କଲା। ଦେବତାମାନେ ଦୁର୍ଗମ ଅତ୍ୟାଚାରରେ ସ୍ୱର୍ଗପୁର ତ୍ୟାଗକରି ହିମାଳୟ ପର୍ବତକୁ ପଳାୟନ କଲେ ଏବଂ ଶକ୍ତିଭୂତା ସନାତନୀ, ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣ କଲେ। ଦେବୀ ତତ୍କ୍ଷଣାତ ପ୍ରକଟିତା ହେଲେ। ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ଏହା ଦେଖି ମା'ଙ୍କ ଆଖିରୁ ଅବିରତ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା। ବେଦନାକୁ ଧୋଇ ଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର, ତେଣୁ ମା'ଙ୍କର ଅନ୍ୟ ଏକ ନାମ 'ଶତାକ୍ଷୀ'। ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପ ନେଲା। ନଦୀ ନାଳ ହ୍ରଦ ଅଗାଧ ଜଳରେ ପୂର୍ଣ୍ଣ ହୋଇଗଲା। ସକଳ ବନସ୍ପତି ପରିତୃପ୍ତ ହେଲେ। ପୃଥିବୀ ଶସ୍ୟଶ୍ୟାମଳା ହେଲା ଓ ବୃକ୍ଷମାନ ଫଳଫୁଲରେ ସୁଶୋଭିତ ହେଲେ। ଏହି ସମୟରେ ମା'ଭଗବତୀ ସର୍ବିଙ୍କୁ ସ୍ୱହସ୍ତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କଲେ। ତେଣୁ ତାଙ୍କ ନାମ ହେଲା 'ଶାକମ୍ଭରୀ'। ମା'ପାର୍ବତୀ ଶାକମ୍ଭରୀ ରୂପରେ ଆବିର୍ଭୂତା ହୋଇ ପ୍ରବଳ ପ୍ରତାପୀ ଦୁର୍ଗମାସୁରକୁ ବଧ କଲେ। ଦେବୀ ଶାକମ୍ଭରୀଙ୍କ ଅନୁକମ୍ପାରେ ଦେବ, ମାନବ, ଋଷିମୁନି ସମସ୍ତେ ଉପକୃତ ହେଲେ। ମା'ବ୍ରହ୍ମାଙ୍କୁ ବେଦ ପ୍ରଦାନ କଲେ ଓ ଇନ୍ଦ୍ରଙ୍କୁ ସ୍ୱର୍ଗପୁରୀ ଫେରାଇ ଦେଲେ। ମା'ଶାକମ୍ଭରୀ ଦେବୀଙ୍କ ମହିମା ମହାଭାରତ ଓ ଶିବପୁରାଣରେ ବର୍ଣ୍ଣନା କରାଯାଇଛି।

ରାଜସ୍ଥାନର ସାମ୍ଭର ଓ ଉତ୍ତର ପ୍ରଦେଶର ସହରାନପୁର ଠାରେ ମା'ଶାକମ୍ଭରୀଙ୍କର ପ୍ରସିଦ୍ଧ ମନ୍ଦିର ଅବସ୍ଥିତ। ପ୍ରତିବର୍ଷ ପୌଷମାସରେ ଅଷ୍ଟମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଠାରେ ଶାକମ୍ଭରୀ ନବରାତ୍ରୀ ଓ ଶାକମ୍ଭରୀ ପୂର୍ଣ୍ଣିମା ପାଳନ କରାଯାଏ। ମା'ଙ୍କୁ ବିଭିନ୍ନ ପ୍ରକାର ଫଳ, ପରିବା, ଶାକ ଓ ବନସ୍ପତିର ମାଳ ପ୍ରସ୍ତୁତ କରାଯାଇ ପିନ୍ଧାଯାଏ ଏବଂ ନବପଲ୍ଲବରେ ସୁସଜ୍ଜିତ କରାଯାଏ। ଶାକ ଅର୍ଥ ସବୁଜ ବନସ୍ପତି ଓ ଅମ୍ଭରୀ ଅର୍ଥ ଯେ ଏହାକୁ ଧାରଣ କରିଥାନ୍ତି। ତେଣୁ ମା'ଙ୍କ ଶାକମ୍ଭରୀ ବେଶ ହେଉଛି ସୁନ୍ଦର ସବୁଜ ବନାନୀର ଚିତ୍ର। ଯେଉଁ ବୃକ୍ଷଲତା ଭରା ସବୁଜ ବନାନୀକୁ ଆମେ ମା'ଶାକମ୍ଭରୀ ରୂପେ ଦର୍ଶନ କରୁ ତାକୁ ସୁରକ୍ଷିତ ରଖିବା ମା'ର ପୂଜା କରିବା ସହ ସମାନ। ଏଥିରେ ମା'ଅଧିକ ପ୍ରସନ୍ନ ହେବେ। ହେଲେ ଆଜି ମଣିଷ କ'ଣ ତାହା ବୁଝୁଛି ? ନ୍ୟସ୍ତସ୍ୱାର୍ଥର ବଶବର୍ତ୍ତୀ ହୋଇ କାଟି ଚାଲିଛି ବୃକ୍ଷ ପରେ ବୃକ୍ଷ। ତା' ସ୍ଥାନରେ ଗଢ଼ି ଉଠୁଛି କଳକାରଖାନା ଓ ଅସଂଖ୍ୟ କୋଠାବାଡ଼ି। ବୃକ୍ଷରୋପଣ ଓ ସବୁଜ ବନାନୀ ସୃଷ୍ଟି କରିବାର ବାହାନାରେ ବହୁ ନେତା ଓ ସ୍ୱେଚ୍ଛାସେବୀମାନେ ସଭାସମିତିରେ ଭାଷଣ ଦେଇ ଅର୍ଥ ଆତ୍ମସାତ କରୁଛନ୍ତି।

ମଣିଷ ଶରୀର ପଞ୍ଚଭୂତରେ ଗଢ଼ା। ଏହି ପଞ୍ଚଭୂତ - ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ମଧ୍ୟରେ ସମତା ରକ୍ଷାକରି ଜୀବ ଜଗତକୁ ବଞ୍ଚିବାର ରାହା ଯୋଗାଏ। ମୃତ୍ତିକା ବୃକ୍ଷକୁ ରକ୍ଷାକରେ। ଆଉ ବୃକ୍ଷ ମଧ୍ୟ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ। ଆମ ଶରୀରର ଜଳ ଏକ ପ୍ରଧାନ ଉପାଦାନ। ବୃକ୍ଷ ଯୋଗୁଁ ବୃଷ୍ଟି ହୁଏ। ବନ ନଷ୍ଟକରଣ ହେତୁ ବର୍ଷା ନିୟମିତ ହେଉନାହିଁ, ଫଳରେ ଅସମୟରେ ବର୍ଷା, ବନ୍ୟାହୁଏ ଏବଂ ମରୁଡ଼ି ଆଦି ଦୁର୍ବିପାକ ମଧ୍ୟ ସଂଘଟିତ ହୋଇଥାଏ। ପଚନ ହେଉଛି ଶରୀର ପାଇଁ ଅନ୍ୟ ଏକ ଅପରିହାର୍ଯ୍ୟ ଅଂଶ। ଯାହା ବୃକ୍ଷଦ୍ୱାରା ଶୁଦ୍ଧ ହୋଇଥାଏ। ମନୁଷ୍ୟ ନିଶ୍ୱାସରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ ଗ୍ରହଣ କରି ବୃକ୍ଷ ଅମ୍ଳଜାନ ପ୍ରଦାନ କରିଥାଏ। ଅଗ୍ନି ବା ଉତ୍ତାପ ହେଉଛି ଶରୀର ପାଇଁ ଭିନ୍ନ ଅତ୍ୟାବଶ୍ୟକୀୟ ଉପାଦାନ। ଅଗ୍ନିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ। ସୂର୍ଯ୍ୟଙ୍କ ପ୍ରଖର କିରଣକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଅତ୍ୟନ୍ତ ଆବଶ୍ୟକ। ଆଜିକାଲି ବୃକ୍ଷ ନଷ୍ଟ ହେବା ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅତ୍ୟଧିକ ଭାବରେ ବଢ଼ି ଚାଲିଛି। ସେହିପରି ଆକଶ ତତ୍ତ୍ୱ ହେଉଛି ଶରୀରର ଅନ୍ୟ ଏକ ଉପାଦାନ। ଯାହା ମନୁଷ୍ୟ ଚଳପ୍ରଚଳ କରିବା ପାଇଁ ଭାରସାମ୍ୟ ରକ୍ଷାକରେ। ବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ ବାୟୁମଣ୍ଡଳର ଓଜୋନ ସ୍ତରରେ କ୍ଷତ ସୃଷ୍ଟି ହୋଇ ସୂର୍ଯ୍ୟଙ୍କର ପ୍ରଖର ତାପ ପ୍ରଦାନ କରୁଥିବା ଅତି ବାଇଗଣି ରଶ୍ମି ବାୟୁମଣ୍ଡଳକୁ ପ୍ରବେଶ କରିବା ଦ୍ୱାରା ଆମକୁ ନାହିଁ ନଥିବା ରୋଗ ଭୋଗ କରିବାକୁ ପଡୁଛି। ଏହି କ୍ଷତିକାରକ ଅତିବାଇଗଣି ରଶ୍ମିର ନିୟାନ୍ତକ ହେଉଛି କେବଳ ବୃକ୍ଷ।

ମା'ଦୁର୍ଗା ଶାକମ୍ଭରୀ ହୋଇ ସବୁଜ ବନାନୀ ସୃଷ୍ଟି କରି ଜୀବଜଗତ ତଥା ଦେବତାମାନଙ୍କୁ ରକ୍ଷା କରିଥିଲେ। ତେଣୁ ଦୁର୍ଗାପୂଜାରେ ଆମେ ବୃକ୍ଷରୋପଣ କରି ଓ ତାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କଲେ ତାହା ହେବ ମା'ଶାକମ୍ଭରୀଙ୍କ ପାଇଁ ଉପଯୁକ୍ତ ପୂଜାଅର୍ଚ୍ଚନା। ଏହି ଅନ୍ନଦାତ୍ରୀ ପ୍ରକୃତିରାଣୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ଏହି ପବିତ୍ର ଦଶହରା ଉତ୍ସବରେ ଚାଲନ୍ତୁ ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଶପଥ ନେବା।

**ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ,**
**ଦୂରଭାଷ : ୯୮୬୧୩୫୫୬୨୮**





## ଜୀବନେ ଯାଇଛି ବିତି... ଅନେକ ଅଭୁଲା ଦିନ

# କପାଳି ନଈର କୂଳେ

### ବିଜୟ ଦାସ

ଅନ୍ତରଙ୍ଗ ସକାଳ- କେଉଁଝରେ ଜିଲ୍ଲାର ଏହି ସରୁଧାର ଝରଣା, ଭଦ୍ରକ ଜିଲ୍ଲା ଭିତରକୁ ପଶୁ ପଶୁ ମଧ୍ୟମ ଧାରରେ ପରିଣତ ହୋଇଥିବା ଏକ ନଦୀର ନାମ କପାଳି। ସେହି ନଈକୂଳରେ ମୋ ଗାଆଁ କୋରୁଆ। ଠିକ୍ ନଈର ଗୋଟିଏ ପାଖର ପଠା ପରେ ଏକ ଛୋଟ ପାହାଡ଼ ସଦୃଶ ଉଚ୍ଚ ପ୍ରାନ୍ତର ଓ ପାନ୍ତର ପରେ ପରେ ମୋ ଘର। ମୋ ଜନ୍ମର ଷଠିଘର। ନଈଟି କୋରୁଆ ଗ୍ରାମକୁ ଦୁଇଭାଗ କରିଛି। ଗୋଟିଏ ଭାଗରେ ବିଭିନ୍ନ ଜାତିର ସାହି, ବସ୍ତି। ଅନ୍ୟ ଭାଗରେ କେବଳ ଖଣ୍ଡାୟତ ସାହି। ଏହାର ଉପନାମ ଖାରିଜ କୋରୁଆ। ଯେଉଁଠି ବିତିଛି ମୋ ଜୀବନର ଅନ୍ତରଙ୍ଗ ସକାଳ, ପିଲାବେଳ। ଏମିତିରେ ଜନ୍ମକୁ ଯଦି ସିନ୍ଦୁରା ଫାଟିବା କୁହାଯାଏ, ଆଦ୍ୟ ଶୈଶବକୁ ଲାଲ୍ ସୂର୍ଯ୍ୟର ସକାଳ କହିପାରିବା। ତେବେ ଏହି ଲାଲ୍‌ସୂର୍ଯ୍ୟର ଶୈଶବରେ ହେତୁ ଆସିଯାଇଥିବାରୁ, ଶୈଶବର ଅନେକ କଥା ଖୁନ୍ଦି ହୋଇଯାଇଛି ସ୍ମୃତିରେ।

ବାପା ସ୍ୱର୍ଗତ ଭାଗିରଥି ଦାସ ଥିଲେ ଜଣେ ଆଦର୍ଶ ଶିକ୍ଷକ ଏବଂ ମାଆ ସ୍ୱର୍ଗତା ଗଙ୍ଗାମଣି ଦେବୀ ଜଣେ ଆଦର୍ଶ ଗୃହିଣୀ। ଆମ ଘରଠାରୁ ଦୁଇ କି.ମି. ଦୂରରେ ଥିବା ଅସୁରାଳିରେ ବାପାଙ୍କର କର୍ମସ୍ଥାନ। ହୁଏତ ସେ ସେଠାରୁ ପ୍ରତିଦିନ ଘରକୁ ଯା’ ଆସ କରି ପାରିଥାଆନ୍ତେ। ମାତ୍ର ସପ୍ତାହରେ ଛଅଦିନ ସେ ସ୍କୁଲରେ ହିଁ ରହୁଥିଲେ ଏବଂ କେବଳ ରବିବାରଟି ନିଜ ଘରେ ବିତାଉଥିଲେ। କାରଣ ଥିଲା କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ବିଦ୍ୟାଳୟର ବିକାଶ ପାଇଁ ଆନୁଗତ୍ୟ। ବିନା ପାରିଶ୍ରମିକରେ ପିଲାମାନଙ୍କୁ ଅବସର ସମୟରେ ଶିକ୍ଷା ଦାନ କରିବା ଏବଂ ସ୍କୁଲର ସୁନ୍ଦରତା, ପରିଚ୍ଛନ୍ନତା ପାଇଁ ଶ୍ରମଦେବା ଥିଲା ଆଭିମୁଖ୍ୟ। ତାଙ୍କ ରଚିତ ଏକ ରଚନା ତାଙ୍କର ବଗିଚା ପ୍ରତି ଆକର୍ଷଣଙ୍କୁ ପ୍ରତିପାଦିତ କରେ। ‘ମୁଖ ଭିତରେ ନାକ ଯେପରି ସୁନ୍ଦର, ବିଦ୍ୟାଳୟ ଭିତରେ ବଗିଚା ସେପରି ସୁନ୍ଦର।’ ହଁ... ସେ ଥିଲେ ଗଣିତ ବିଜ୍ଞାନରେ ବିଜ୍ଞ, ସାହିତ୍ୟରେ ଅଭିଜ୍ଞ ଓ ଅନ୍ୟ ସମସ୍ତ ବିଷୟରେ ବହୁ ଜ୍ଞାନର ଅଧିକାରୀ। ଶିକ୍ଷକ, ସାହିତ୍ୟିକ, ନାଟ୍ୟକାର, କବି, ବିଜ୍ଞାନୀ ଓ ସମାଜସେବୀ... ସବୁଥିରେ ଦକ୍ଷତା ତାଙ୍କର ଥିଲା। ଏହାର ପ୍ରଭାବ ମୋ ଉପରେ ପଡ଼ିଥିଲା।

ଆମର ଥିଲା ଏକ ବଡ଼ ଯୌଥ ପରିବାର। ଦୁଇ ଜେଜେବାପାଙ୍କର ତିନି ପୁତ୍ର ଓ ଦୁଇ ଜଣ କନ୍ୟା ଥିଲେ। ମୋ ଜେଜେବାପାଙ୍କର କେବଳ ଏକମାତ୍ର ସନ୍ତାନ ମୋ ବାପା। ନା’ ଆଗରୁ କେହି ପୁଅ କି ଝିଅ ଜନ୍ମ ହୋଇଛନ୍ତି ନା’ ପରେ। ମୋ ସାନ ସାଆନ୍ତଙ୍କର ଥିଲେ ଦୁଇ ପୁଅ ଓ ଦୁଇ ଝିଅ। ମୋ ପିଢ଼ିର ମୁଁ ହେଲି ଜ୍ୟେଷ୍ଠପୁତ୍ର। ସବୁଠାରୁ ବଡ଼ ଏବଂ ଏକମାତ୍ର ସନ୍ତାନ ହିସାବରେ ପାଞ୍ଚ ବର୍ଷ ବେଶ ଗେହ୍ଲା ହୋଇଛି, ମୋ ସାନ ଭାଇର ଜନ୍ମ ପର୍ଯ୍ୟନ୍ତ। କୋରୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାରମ୍ଭିକ ପାଠପଢ଼ା। ମୋର ଠିକ୍ ମନେ ପଡୁଛି, ଆମ ସାହିରେ ଗୋଟେ ଚାଟଶାଳି ଥିଲା। ଜଣେ ଅବଧାନ ଆସୁଥିଲେ। ତାଙ୍କୁ ମୁଁ ଦେଖିଛି, ମାତ୍ର ମୋ ପାଠପଢ଼ା ବେଳକୁ ତାହା ବନ୍ଦ ହୋଇଯାଇଥିଲା ଏବଂ କୋରୁଆ ସ୍କୁଲ ଚଳଚଞ୍ଚଳ ହୋଇସାରିଥିଲା। କପାଳି ନଈର ଆର ପାରିରେ ସ୍କୁଲ। ସ୍କୁଲ ସାମ୍ନାରେ ବିରାଟ ପଡ଼ିଆ ଓ ପଡ଼ିଆକୁ ଲାଗି ନଈପଠା। ବେଶ୍ ମନୋରମ ପରିବେଶ। ନଈର ଦୁଇ ପାଖରେ ଅନେକ ଚଳଚଞ୍ଚଳ ତୁଠ। ସେହି ତୁଠ ମାନଙ୍କରେ ସମସ୍ତଙ୍କର ଗାଧୁଆ ପାଧୁଆ ଓ ସମସ୍ତ ନିତ୍ୟକର୍ମ ଶେଷହୁଏ। ମନେପଡ଼େ ଧୋବା ତୁଠର କଥା। ଏହା ଏକ ଶବ୍ଦାୟିତ ଜୀବନ୍ତ ତୁଠ, ଯେଉଁଠି ଲୁଗାରେ ଲାଗିଥିବା ମଇଳା ସବୁ ଛଡ଼ଉଥାଏ କପାଳି ନଈ। ସାନ କୋରୁଆ (ଖାରିଜ କୋରୁଆ) ଓ ବଡ଼ କୋରୁଆ ମଝିରେ ଏଇ କପାଳି ନଈର ବୁକୁରେ ପ୍ରଥମେ ଥିଲା ବାଉଁଶ ଚାର ଓ ପରେ ପରେ ଚାର ପାଲଟି ଗଲା ପଟାପୋଲରେ। ଏମିତିରେ ବର୍ଷା ଦିନକୁ ଛାଡ଼ି ଦେଲେ ଅନ୍ୟ ସମୟରେ ନଈରେ ସରୁଧାର, କାଚକେନ୍ଦୁ ପାଣି ଓ ନାନା କିସମର ଦଳ ଭର୍ତ୍ତି, ମାଛମାନଙ୍କର ଆଡ଼ାସ୍ଥଳୀ।

କପାଳି ନଈରେ ଖରା ଦିନେ ବି ପାଣି ଆସେ। କେଉଁଠୁ ଆସେ ବୋଲି ପଚାରିଲେ, ଉତ୍ତର ମିଳେ ଠିକ୍ ଆମ ଗାଆଁର ଉପର ମୁଣ୍ଡରେ ନଈ ଭିତରେ ଏକ ପାତାଳ ଫୁଟା ଗଣ୍ଡ ଅଛି। ଯେଉଁଠି ତଳୁ ପାଣି ଉପରକୁ ଆସେ ଓ ମାଛସବୁ କାଳେ ସେଠି ଘର କରିଥାଆନ୍ତି। କୁହନ୍ତି, ଏତେ ବଡ଼ ବଡ଼ ମାଛ ଅଛନ୍ତି ଯେ ସେ ମାଛମାନଙ୍କ ଶରୀରରେ ଲୋମ ବି ଉଠିଲାଣି। କଥା ଯାହା ହେଉ, ପୁରୁଣା ମାଛର ଗନ୍ତାଘର ସେହି ଗଣ୍ଡ। ତାର ନାଆଁ ‘ଚାପୁଲାଗଣ୍ଡ’। ଏପରି ନାମକରଣ ପଛରେ କାହାଣୀ ବି ଅଛି। ସେଠାକୁ ଯିଏ ମାଛ ମାରିବାକୁ ଯିବ, ସେ ଗଣ୍ଡ କୁଆଡ଼େ ତାକୁ ପାତାଳକୁ ଚାପି ଦେବ। ସେଇ ନଈ ସେମିତି ଆମ ଗାଆଁର ମାଆ ହୋଇ ରହିଥାଏ ଏବଂ ଆଜି ବି ରହିଛି ମଧ୍ୟ।

ମୋ ସ୍କୁଲ ଜୀବନ ଅତ୍ୟନ୍ତ ସ୍ମୃତି ବିଜଡ଼ିତ ଓ ସ୍ମୃତି ମଧୁର। ଏମିତିରେ ମୁଁ ଭଲ ପାଠ ପଢୁଥିବାରୁ ମୋର ସ୍କୁଲ ଯିବାକୁ ଡର ନଥାଏ। କିନ୍ତୁ ଡର ଥାଏ ଅନ୍ୟ ମୋଟା ବୁଦ୍ଧିଆ ସାଙ୍ଗମାନଙ୍କର ଉପରେ ହେଉଥିବା ବେତ ପାହାରକୁ। ସେ ବେତ ନୁହେଁ ତ, ମେଞ୍ଚୁଆଡି ଡାଳ ସବୁ। ତାକୁ ସାର୍‌ଙ୍କ ନିର୍ଦ୍ଦେଶରେ ଆମକୁ ଆଣିବାକୁ ପଡୁଥିଲା। ସାଥିରେ ଯିବା ବେଳେ କିଛି ସାଙ୍ଗ ବି କହନ୍ତି, ଓ କଞ୍ଚଡ଼ (କଅଁଳ) ଡାଙ୍ଗ ଆଣିବୁ, ନହେଲେ ଦେଖିବୁ। ସବୁ ବିଷୟରେ ଠିକଠାକ୍ ଥିଲି ଯେ, ହେଲେ ସାହିତ୍ୟର ରଚନାରେ ମୋର କମ୍ ସଂଖ୍ୟା ଆସେ। କାରଣ ରଚନା ବହି ଘୋଷି ଲେଖିବା ଲୋକ ମୁଁ ନଥିଲି। ନିଜର ସୃଜନଶୀଳତାରେ ନିଜ ଭାଷାରେ ବଖାଣୁଥିବା ରଚନା ଗୁରୁମାନଙ୍କ ମନକୁ ଆସେ ନାହିଁ।

ପିଲାବେଳୁ ଗଣିତ ବିଜ୍ଞାନ ପରି ସାହିତ୍ୟ ସଂସ୍କୃତିରେ ପ୍ରବଳ ରୁଚି। ଏମିତିରେ କବିତା ସବୁ ଲେଖି ପକାଏ। ମୋ ବାପା ତାଙ୍କ ସ୍କୁଲରୁ ରବିବାର ଦିନ ଘରକୁ ଆସିଲେ ସେ ଦେଖି ପଚାରନ୍ତି ‘ଏସବୁ କିଏ ଲେଖିଛି ? ମୁଁ ସଦମ୍ଭେ କୁହେ ‘ମୁଁ ଲେଖିଛି’। ଜାଣେନା କାହିଁକି ମୋ ଭିତରେ ସୃଜନଶୀଳତାର ଚିତ୍ର ବାପାକୁ ବେଶ ଭଲ ଲାଗିଥିଲା। ପରେ ପରେ ସେ ମୋ ପାଇଁ ଶିଶୁ ପତ୍ରିକାମାନ ଆଣି ଦେଲେ। ମୋ ଦେଶ, ମନପବନ, ବାରମଜା ଇତ୍ୟାଦି। ମୋର ପ୍ରଥମ ଗପ ‘କାହାର ଦୋଷ’ ବାରମଜାରେ ପ୍ରକାଶିତ ହୋଇଥିଲା। ମୁଁ ପଞ୍ଚମ ଶ୍ରେଣୀରେ ପଢୁଥିଲା ବେଳେ ମୋ ଦେଶ ପତ୍ରିକାର କବିତା ପ୍ରତିଯୋଗୀତାରେ ତୃତୀୟ ହୋଇଥିଲି ସାରା ଓଡ଼ିଶାରେ ଏବଂ ପୁରସ୍କାର ସ୍ୱରୂପ ୧୦ଟଙ୍କା ମନିଅର୍ଡ଼ର ଯୋଗେ ପାଇଥିଲି।




ଏହାପରେ ବାରମଜା ପତ୍ରିକାର କବିତା ପ୍ରତିଯୋଗିତାରେ ପ୍ରଥମ ହୋଇ ପାଞ୍ଚଟଙ୍କାର ଘୋଷଣା ଏଯାଏଁ ମନେ ଅଛି। ଦ୍ୱିତୀୟ ହୋଇଥିଲେ ସୁରେଶ ପାଣିଗ୍ରାହୀ ଓ ତୃତୀୟ ହୋଇଥିଲେ କବି ଡଃ ଅମରେନ୍ଦ୍ର ଖଟୁଆ, ଯିଏକି ଜଣେ ସୁନାମଧନ୍ୟ ପ୍ରଶାସକ ଓ କବି। ଆମ ସ୍କୁଲରେ ରବିବାର ଦିନ ଏକ ସାହିତ୍ୟ ସଭାର ଆୟୋଜନ କରୁଥିଲି, କେବଳ ଶିଶୁ ସଂସାର କାର୍ଯ୍ୟକ୍ରମ ରେଡ଼ିଓରୁ ଶୁଣିବୁ ବୋଲି। ଆମର ଶିଶୁଶ୍ରୋତା ସମିତିର ନାଆଁ ଥିଲା ‘ଦେଶବନ୍ଧୁ ଶିଶୁ ଶ୍ରୋତା ସମିତି, ନମ୍ବର ୧୧୦୮।’ ବାସ୍ ସେହି ଶିଶୁ ସଂସାରକୁ ମୁଁ ମୋର ଅନେକ କବିତା ପ୍ରସାରଣରୁ ହେବାର ଆନନ୍ଦ ଅନୁଭବ କରିଛି। ମୁଁ ସବୁବେଳେ ଲକ୍ଷ୍ୟ କରିଛି ମୋ କବିତା କାର୍ଯ୍ୟକ୍ରମ ଆରମ୍ଭରେ କିମ୍ବା ଶେଷରେ ହିଁ ପ୍ରଚାରିତ ହେଉଥିଲା, କେବେ ବି ମଝିରେ ନୁହେଁ। ଏହା ହିଁ ଥିଲା ମୋ ସାହିତ୍ୟ ସଂସ୍କୃତି ପାଇଁ ରୁଚି ଓ ପ୍ରେରଣା। କହିବାକୁ ଗଲେ, ଲେଖକୀୟ ପହିଲି ପାହାଚ କଳା ସାହିତ୍ୟର ମନ୍ଦିରକୁ।




ଗୀତ, କବିତାରୁ ଗପ ଓ ଗପରୁ ନାଟକ ଆଡ଼କୁ ମୁହାଁଇଲା ବେଳକୁ ମୋର ଅଷ୍ଟମ ଶ୍ରେଣୀ। ଓକରା ହାଇସ୍କୁଲ, ଅର୍ଣ୍ଣପାଳରେ ଯୋଗଦାନ। ହିଁ କହି ରଖେ, ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ହେବାର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା। ମାତ୍ର ହାଇସ୍କୁଲ ସ୍ତରରେ ମୋର ପ୍ରତିଦ୍ୱନ୍ଦିତା ବନ୍ଧୁ ଉପେନ୍ଦ୍ର ଓ ସତ୍ୟନାରାୟଣ ସହ ହେଉଥିଲା। ସିଡ଼ିର ଉପର ତଳ ହେଉଥିଲୁ ଆମେ ତିନିହେଁ। ସଗର୍ବେ କହେକି ଉପେନ୍ଦ୍ର ହିଁ ସବୁଠାରୁ ମେଧାବୀ ଥିଲା। କିନ୍ତୁ ମାଟ୍ରିକ୍‌ରେ ଅଙ୍କରେ ମୁଁ ଶହେରୁ ଅନେଶତ ରଖିଥିଲି। ଅକ୍ଷର ଖରାପ, ଏଣୁ ସାହିତ୍ୟ, ଇଂରାଜୀରେ କମ୍ ମାର୍କ ଥିଲେ ବି ପ୍ରଥମ ଶ୍ରେଣୀରେ ସ୍ଥାନ ପାଇବା ଥୟ ଥିଲା। ହଁ, ମୋର ପ୍ରଥମ ନାଟକ ହେଲା ‘କୁହୁକ ଡୁରୀ’, ଯାହାକି ଶିଶୁ ସଂସାରରେ ପ୍ରଚାରିତ ପ୍ରସାରିତ ହୋଇଥିଲା ସେହି ଅଷ୍ଟମ ଶ୍ରେଣୀରେ। ଏହା ଏକ ଆଚମ୍ବିତ ଉତ୍ସାହଜନକ କଥା ଥିଲା, କାରଣ ସେତେବେଳେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହେବା ଏକ ଗୌରବର କଥା ଥିଲା। ମାଟି କାଦୁଅ ରାସ୍ତାରେ ପ୍ରାୟ ୩/୪ କିମି ବାଟ ଚାଲି ଓକରା ହାଇସ୍କୁଲରେ ପାଠ ପଢ଼ିବାର ସାର୍ଥକତା ଅନୁଭବ କରିପାରୁଥିଲି। କାରଣ ସେଠାରେ ଶିକ୍ଷକମାନଙ୍କର ବିଜ୍ଞତା, ଗୁରୁମାନଙ୍କର ମାର୍ଗଦର୍ଶନ, ପ୍ରଜ୍ଞା, ନିଶ୍ଚେ ପ୍ରାତଃ ସ୍ମରଣୀୟ। ବିଶେଷତଃ ହେଡ଼ମାଷ୍ଟ୍ରେ ପ୍ରଣମ୍ୟ ରାଧାନାଥ ପଣ୍ଡା ଥିଲେ ଜଣେ ବଶିଷ୍ଠ କି ବିଶ୍ୱାମିତ୍ର।

ମନେପଡ଼େ ଶନିବାର ଅପରାହ୍ନରେ ଆମ ସ୍କୁଲରେ ବକ୍ତୃତା ପ୍ରତିଯୋଗୀତା ହେଉଥିଲା। ମୋର ପ୍ରଥମ ବକ୍ତୃତାରେ ମୁଁ ପ୍ରଥମ ହେଉଥିଲି। ଏବେ ବହୁ ସଭା ସମିତିରେ ଯୋଗ ଦେଇ ବକ୍ତବ୍ୟ ରଖିଲା ବେଳେ ମନେ ପଡ଼େ ସେହି ଆଦ୍ୟ ଶିକ୍ଷାର କଥା। ସତରେ କେତେ ଭାଗ୍ୟବାନ ଆମେ। ମୁଁ ଶ୍ରେଣୀ ମନିଟର ହେବା ସଙ୍ଗେ ସଙ୍ଗେ ଶନିବାସରୀୟ ସାହିତ୍ୟ ସଭାର ସଂପାଦକ ମଧ୍ୟ ଥିଲି। ଏହାକୁ ପାଠଚକ୍ର ବୋଲି ନାମିତ କରାଯାଇଥିଲା। ମଜାର କଥା ଆମ ସ୍କୁଲର ଖେଳ ବୋଇଲେ ସେହି ଫୁଟବଲ୍ ଖେଳରେ ମୁଁ ବି ଭାଗ ନେଉଥିଲି। ସ୍କୁଲରେ ନାଟକ ହୁଏ ଦୁଇଟି ପ୍ରତିବର୍ଷ। ଗୋଟିଏ ସ୍କୁଲ ପିଲାଙ୍କ ଦ୍ୱାରା, ଯାହାକି ପଣ୍ଡିତ ସାର୍ ସ୍ୱର୍ଗତ ଦାମୋଦର ପଣ୍ଡା ନିର୍ଦ୍ଦେଶନା ଦିଅନ୍ତି। ଅନ୍ୟଟି ସାର୍‌ମାନଙ୍କ ଦ୍ୱାରା, ଯାହାକି ବାହାର ନିର୍ଦ୍ଦେଶକଙ୍କ ଦ୍ୱାରା ହୁଏ। ମୁଁ ଅଭିନୟ କରିବାର ସୁଯୋଗ ପାଇଲି। ପୁଣି ମୁଖ୍ୟଖଳନାୟକର ଭୂମିକା, ମାତ୍ର ଯେଉଁ ଦିନ ମଞ୍ଚସ୍ଥ ହେଲା, ସେଦିନ ମୋ କଣ୍ଠ ପଡ଼ିଗଲା। କୌଣସି ସଂଳାପ ମୋ ମୁହଁରୁ ବାହାରୁ ନଥାଏ। ତଥାପି କାହିଁକି କେମିତି କେଜାଣି ମୁଁ ହିଁ ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁଥିଲି। ଏତେ ସବୁ ନିଜର ବଡ଼ିମା କହିଲା ବେଳକୁ ନିଶ୍ଚେ ଖରାପ ଲାଗୁଛି। କିନ୍ତୁ ନିଜେ ନିଜର ଢୋଲ ନ ବଜାଇଲେ ଆଜିକାଲି ଅଲୋଡ଼ା ବଣମଲ୍ଲୀ ହୋଇ ରହିବାକୁ ପଡ଼ିବ। ଏଥକୁ ହେ ପ୍ରଭୁ, କ୍ଷମା କର। କାରଣ ଅହଙ୍କାରର ଜ୍ଞାନ ମୋର ଅଛି, ଜ୍ଞାନର ଅହଂକାର ନାହିଁ।

ଅପେରା ଆଇଟମ୍

# ନାହିଁ ଲଗାମ !

ଶ୍ରୀଗୋବିନ୍ଦ



ଓଡ଼ିଆ ଯାତ୍ରାକୁ ନେଇ ତର୍କବିତର୍କ ହେବା ପରେ ବି କୌଣସି ପରିବର୍ତ୍ତନ ଦେଖାଯାଇନାହିଁ । ବିଶେଷକରି ଓଡ଼ିଆ ସଂସ୍କୃତିକୁ ନଷ୍ଟ କରୁଥିବା ଅଶ୍ଳୀଳ ନୃତ୍ୟକୁ ନେଇ ଅନେକ ତୁମ୍ବି ତୋଫାନ ଦେଖାଇଯାଇଥିଲା । ଓଡ଼ିଆ ଯାତ୍ରା ସଂସ୍କୃତିକୁ ଯେଉଁଭଳି ଭାବରେ ଅପସଂସ୍କୃତି କାବୁ କରି ବସିଲାଣି, ଅନେକ ବୁଦ୍ଧିଜୀବୀଙ୍କ ପାଇଁ ତାହା ମୁଣ୍ଡ ବ୍ୟଥାର କାରଣ ହେଉଥିବାବେଳେ ଅନେକଙ୍କ ପାଇଁ ତାହା ମୂଲ୍ୟହୀନ କଥା ହୋଇଯାଇଛି । କିଛି ଯୁବଗୋଷ୍ଠୀଙ୍କ ପାଇଁ ଅଶ୍ଳୀଳ ନୃତ୍ୟ ରୋଚକ ହୋଇପାରେ କିନ୍ତୁ ସାରା ଓଡ଼ିଶାବାସୀ ଯେ ଏହାକୁ ଗ୍ରହଣ କରୁ ନାହାନ୍ତି, ଏହା ଯାତ୍ରା କମିଟି ଓ ମାଲିକମାନେ ବୁଝିଥିଲେ ବି କେହି କିନ୍ତୁ କୌଣସି ପଦକ୍ଷେପ ନେବାକୁ ଚାହୁଁ ନାହାନ୍ତି । ସେମାନଙ୍କର ବେପାର ଦରକାର ବୋଲି କିଛି ଯାତ୍ରା ଦର୍ଶକ କହୁଛନ୍ତି । ପୂର୍ବବତ୍ ଏବେ ମଧ୍ୟ ଅଶ୍ଳୀଳ ନୃତ୍ୟ କରୁଥିବା ନର୍ତ୍ତକୀଙ୍କୁ ନେଇ ସେମିତି ଚାଲିଛି ନୃତ୍ୟ ପରିବେଷଣ । ନା ଯାତ୍ରା ପାର୍ଟି ମାଲିକ ମୁହଁ ଖୋଲୁଛନ୍ତି ନା ଯାତ୍ରା କମିଟି ଏହାକୁ ବିରୋଧ କରୁଛନ୍ତି । ଯେତେବେଳେ କଥା ଉଠୁଛି, ସେତେବେଳେ ଉଭୟ ଉଭୟଙ୍କୁ ଦୋଷ ଦେବାକୁ ପଛାଉ ନାହାନ୍ତି । ଏହି ମୌକାରେ ଯେଉଁମାନେ ଅଶ୍ଳୀଳ ନୃତ୍ୟ କରୁଛନ୍ତି, ସେମାନେ ଖୋଲାଖୋଲି ଭାବରେ ଚ୍ୟାଲେଞ୍ଜ କଲାଭଳି ଅଧିକରୁ ଅଧିକ ଏଭଳି ନୃତ୍ୟ କରୁଥିବା ଦେଖିବାକୁ ମିଳୁଛି । ଯେଉଁ କେତେଜଣ ଅଶ୍ଳୀଳ ନୃତ୍ୟ କରିବାକୁ ମୌଦାନ ଓହ୍ଲାଇଛନ୍ତି, ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା । କିଏ କେତେ ପରିମାଣରେ ନିଜ ଅଙ୍ଗ ପ୍ରଦର୍ଶନ କରିପାରିବ, ସେଥିପାଇଁ ଯେଉଁ କସରତ କରୁଛନ୍ତି, ତାହା ଓଡ଼ିଆ ସଂସ୍କୃତିକୁ ଅଧିକ ମହଙ୍ଗା ପଡୁଛି । ଅର୍ଥ ପାଇଁ ନିଜ ଅଙ୍ଗ ପ୍ରଦର୍ଶନ କରିବା ଓ ମଞ୍ଚରେ ଯାହା ନାହିଁ ତାହା କଥା ଅକଥା କହିବାର ଅଧିକାର ସେମାନଙ୍କୁ କିଏ ଓ କାହିଁକି ଦେଲା ବୋଲି ଜଣେ ଯାତ୍ରା ଦର୍ଶକ ଖୁବ୍ କ୍ଷୋଭର ସହ କହିଛନ୍ତି । କଳା ପ୍ରଦର୍ଶନ ନାଁରେ ଅଙ୍ଗ ପ୍ରଦର୍ଶନ କରିବା ଦ୍ୱାରା ଏହା ସାମାଜିକ ଭାବରେ କେତେ ଖରାପ ପ୍ରଭାବ ପଡୁଛି, ତାହାର ମୂଲ୍ୟ କିଏ ଦେବ ? ଯାତ୍ରା ଦେଖିବାକୁ ଆସୁଥିବା ପରିବାର ମଧ୍ୟରେ ମହିଳା ଓ ଅପ୍ରାପ୍ତ ବୟସ୍କ ମଧ୍ୟ ରହିଛନ୍ତି । ସେମାନେ ଏଭଳି ନୃତ୍ୟ ଦେଖିବା ଦ୍ୱାରା ସେମାନଙ୍କ ମାନସିକ ଉପରେ କି ପ୍ରଭାବ ପଡ଼ିବ । ଏଥିପାଇଁ କେବଳ ମାଲିକ କି ଯାତ୍ରା ଆୟୋଜକ ନୁହେଁ ବରଂ କଳାକାର ମଧ୍ୟ ମୁହଁ ଫିଟେଇବା ଦରକାର । ସେମାନେ ବି ସମାଜର ଜଣେ ଜଣେ ମଣିଷ । ଏହି ସାଧାରଣଲୋକଙ୍କ ପଇସାରେ ସେମାନେ ମୋଟା ଅଙ୍କର ଦରମା ନେଉଛନ୍ତି । ଯେଉଁ ବ୍ୟାନର କଳାକାରଙ୍କୁ ନେଇ ଯାତ୍ରା ପାର୍ଟି ଚାଲିଛି, ସେମାନେ ସ୍ୱର ଉତ୍ତୋଳନ କଲେ ଅବଶ୍ୟ କିଛି ଲାଭ ମିଳିପାରନ୍ତା । ସେମାନେ ଯଦି ଜିଦ୍ ଧରନ୍ତେ, ଅଶ୍ଳୀଳ ନୃତ୍ୟ ପରିବେଷଣ ହେଲେ ସମାନେ ସେହି ମଞ୍ଚରେ ଅଭିନୟ କରିବେ ନାହିଁ, କିଛି ସମାଧାନ ହୁଏତ ବାହାରନ୍ତା । ମଝିରେ ଅବଶ୍ୟ କିଛି କଳାକାର ଏ ବାବଦରେ ମୁହଁ ଖୋଲିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କାହିଁକି କେଜାଣି ତୁନି



ପଡ଼ିଯାଇଥିଲେ । ମାଲିକଙ୍କ ନାଲି ଆଖି ନା ସେମାନଙ୍କ ଦାନାପାଣିରେ କିଛି ଅସୁବିଧା ଦେଖାଦେଲା, ସେମାନେ ମୁହଁ ଚୁପ୍ କରି ବସିପଡ଼ିଲେ । ପରୋକ୍ଷରେ ମଧ୍ୟ କଳାକାରଙ୍କ ପାଇଁ କାଳ ସାଜିବେ, ଏହି ଅଶ୍ଳୀଳ ନର୍ତ୍ତକୀ । ଯେତେବେଳେ ଦର୍ଶକ ଏହିମାନଙ୍କୁ ଦେଖିବାକୁ ଟିକେଟ କିଣିବେ, ସେତେବେଳେ କଳାକାରଙ୍କ ନାଟକ କାହିଁକି ଦେଖିବେ ଦର୍ଶକ । ତାହା ବି ପ୍ରମାଣିତ କରିସାରିଲେଣି ଦର୍ଶକ । ପ୍ରାୟ ସବୁ ଯାତ୍ରା ପାର୍ଟିର ମେଲୋଡ଼ି ନାଚଗୀତ ପରେ ପ୍ରାୟ ଦର୍ଶକ ପ୍ୟାଭିଲିୟନ ଫାଙ୍କା କରି ଉଠିଯାଉଥିବା ନଜିର ଅଛି । ଏଭଳି ସମୟ ନଆସୁ, ଯେତେବେଳେ ଯାତ୍ରା ଦର୍ଶକ କେବଳ ଏହି ନର୍ତ୍ତକୀମାନଙ୍କୁ ଖୋଜିବେ ସିନା ବରିଷ୍ଠ କଳାକାରଙ୍କୁ ଖୋଜିବେ ନାହିଁ ବୋଲି ଜଣେ ଯାତ୍ରାପ୍ରେମୀ ଅଭିଯୋଗ ଆଣିଛନ୍ତି । ସରକାର ମଧ୍ୟ କଡ଼ା ପଦକ୍ଷେପ ନେବା ଦରକାର ।



ଡାଏନା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com